ସାଧାରଣ ଲୋକଙ୍କ ଖବରକାଗଜ
# ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ
Vol.26 . No.84 Bhubaneswar Saturday May 06 2023 | ୨୬ତମ ବର୍ଷ ସଂଖ୍ୟା–୮୪ ଭୁବନେଶ୍ୱର, ଶନିବାର, ମଇ ୦୬, ୨୦୨୩ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹1.50 (Air Surcharge - 0.50P) Member-INS



ରାଇରଙ୍ଗପୁରଠାରେ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀଙ୍କୁ ଉଲ୍ଲସିତ ନାଗରିକ ସମ୍ବର୍ଦ୍ଧନା ଜ୍ଞାପନ

## ନିଷ୍ପତ୍ତି ବଦଳାଇଲେ ଶରଦ ପାୱାର, ଏନ୍‌ସିପିର ସଭାପତି ରହିବେ

ଭୁବନେଶ୍ୱର,୫।୫(ପି.ଏନ): ତିନି ଦିନ ତଳେ ଏନ୍‌ସିପି ସଭାପତି ପଦରୁ ହଠାତ୍ ଇସ୍ତଫା ଦେଇ ସମସ୍ତଙ୍କୁ ଚକିତ କରି ଦେଇଥିବା ଶରଦ ପାୱାର ଶୁକ୍ରବାର ଏହାକୁ ପ୍ରତ୍ୟାହାର କରି ନେଇଛନ୍ତି। ଦଳୀୟ କର୍ମୀଙ୍କ ଜୋରଦାର ବିରୋଧକୁ ଦୃଷ୍ଟିରେ ରଖି ବରିଷ୍ଠ ନେତାଙ୍କୁ ନେଇ ଗଠିତ ପ୍ୟାନେଲ ତାଙ୍କ ଇସ୍ତଫାପତ୍ରକୁ ଗ୍ରହଣ କରିବାକୁ ମନା କରି ଦେବା ପରେ ଶରଦ ପାୱାର ତାଙ୍କ ନିଷ୍ପତ୍ତି ବଦଳାଇଛନ୍ତି। ଆଜି ସନ୍ଧ୍ୟାରେ ଏକ ସାମ୍ବାଦିକ ସମ୍ମିଳନୀରେ ଏ ସଂପର୍କରେ ଘୋଷଣା କରି ଶ୍ରୀ ପାୱାର କହିଥିଲେ, ମୁଁ ମୋ ନିଷ୍ପତ୍ତି ଶୁଣାଇବା ପରେ ଦଳର କର୍ମୀ ଓ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ମୋ ଉପଦେଷ୍ଟାମାନେ ମୋତେ କହିଥିଲେ ଯେ ମୁଁ ଏହି ନିଷ୍ପତ୍ତି ଉପରେ ପୁଣି ଥରେ ବିଚାର କରିବା ଉଚିତ୍। ମୋ ସମର୍ଥକ, ମହାରାଷ୍ଟ୍ର ଓ ଦେଶର ଅନେକ ରାଜନେତା ମଧ୍ୟ ମୋତେ ନିଷ୍ପତ୍ତି ପ୍ରତ୍ୟାହାର କରି ନେବା ପାଇଁ ଅନୁରୋଧ କରିଥିଲେ। ସମସ୍ତଙ୍କ ଅନୁରୋଧକୁ ବିଚାରକୁ ନେଇ ମୁଁ ମୋ ପୂର୍ବ ନିଷ୍ପତ୍ତିରୁ ଓହରି ଯାଇଛି। ମୁଁ ଘୋଷଣା କରୁଛି ଯେ ମୁଁ ଦଳର ସଭାପତି ଭାବେ କାର୍ଯ୍ୟ ଜାରି ରଖିବି।ସେ କହିଥିଲେ, ଯଦିଓ ମୁଁ ଦଳର ସଭାପତି ଭାବେ କାର୍ଯ୍ୟ ଅବ୍ୟାହତ ରଖିବି, ତେବେ ମୋର ଆଭିମୁଖ୍ୟ ପୂରା ସ୍ପଷ୍ଟ। ସଂଗଠନର ଯେକୌଣସି ପଦପଦବୀ ପାଇଁ ଆମକୁ ଉତ୍ତରାଧିକାରୀ ବାଛିବାକୁ ପଡିବ। ଭବିଷ୍ୟତରେ ମୁଁ ଦଳର ସାଂଗଠନିକ ସ୍ତରରେ ପରିବର୍ତ୍ତନ କରିବା ଉପରେ ଗୁରୁତ୍ୱ ଦେବି।ନୂଆ ଦାୟିତ୍ୱ ବଣ୍ଟନ କରାଯିବ ଓ ନୂଆ ନେତୃତ୍ୱ ସୃଷ୍ଟି କରାଯିବ। ସଂଗଠନକୁ ଆହୁରି ଦୃ? କରିବା ପାଇଁ ମୁଁ ଅନବରତ କାମ କରିବି। ଆମ ଦଳର ଆଦର୍ଶ ଓ ଲକ୍ଷ୍ୟଙ୍କୁ ଲୋକଙ୍କ ପାଖରେ ପହଞ୍ଚାଇବି। ଆଜିର ସାମ୍ବାଦିକ ସମ୍ମିଳନୀରେ ଶରଦ ପାୱାର ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ ଦଳର ସଭାପତି ସହିତ ସେ ତାଙ୍କର ଅନ୍ୟାନ୍ୟ ଦାୟିତ୍ୱଗୁଡିକୁ ମଧ୍ୟ ନିର୍ବାହ କରିବେ।





୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ବିଜେପି ବିପକ୍ଷରେ ବିରୋଧୀ ଦଳଗୁଡିକୁ ଏକାଠି କରିବା ଦିଗରେ ସେ କାର୍ଯ୍ୟ କରିବେ ବୋଲି କହିଛନ୍ତି।ଅନ୍ୟପକ୍ଷରେ ଶରଦ ପାୱାର ସାମ୍ବାଦିକ ସମ୍ମିଳନୀ କରି ତାଙ୍କ ଇସ୍ତଫା ନିଷ୍ପତ୍ତି ପ୍ରତ୍ୟାହାର ସହିତ ଦଳର ସାଂଗଠନିକ ସ୍ତରରେ ପରିବର୍ତ୍ତନ କରିବା ନେଇ ଘୋଷଣା କଲା ବେଳେ ଦଳର ଅନ୍ୟତମ ବଡ ନେତା ତଥା ତାଙ୍କ ପୁତୁରା ଅଜିତ ପାୱାର ସେଠାରେ ଉପସ୍ଥିତ ନଥିଲେ। ଅଜିତ ପାୱାର ବିଜେପିରେ ଯୋଗ ଦେବେ ବୋଲି ଜୋର ଚର୍ଚ୍ଚା ଧରିଥିବା ବେଳେ ଶରଦ ପାୱାର ଏନ୍‌ସିପି ସଭାପତି ପଦରୁ ତାଙ୍କ ଇସ୍ତଫା ଘୋଷଣା କରିଥିଲେ। ଅବଶ୍ୟ ପରବର୍ତ୍ତୀ ସମୟରେ ଅଜିତ କହିଥିଲେ ଯେ ସେ ଶେଷ ପର୍ଯ୍ୟନ୍ତ ଏନ୍‌ସିପିରେ ରହିବେ।

## ପୁଣି ଫୁଟିଲା ଗୁଳି ଗଣ୍ଡଗୋଳ କରି ଫାଙ୍କା ଗୁଳି ଚାଳନା କଲେ ଲୋକେ ଆତଙ୍କିତ

ବଲାଙ୍ଗୀର, ୫।୫(ପି.ଏନ): କିଛିଦିନ ତଳେ ବଲାଙ୍ଗୀର ପୋଲିସ ଅପରାଧୀମାନଙ୍କୁ ସାବାଡ କରିବାକୁ ପଦକ୍ଷେପ ନେଇ କ୍ଲିନ୍ କ୍ରାଇମ୍ ପାଇଁ ପଦକ୍ଷେପ ନେଇଥିଲା ଆଜି ପୁଣି ସାମାନ୍ୟ କଥାକୁ ନେଇ ସହର ମଧ୍ୟରେ ଗୁଳି ଫୁଟିଛି। ବଲାଙ୍ଗୀର ସହର ଗାନ୍ଧୀନଗର ପଡ଼ା ସ୍ଥିତ ହୋଟେଲ ସୌମ୍ୟ ଠାରେ ଗୁଳି ଫୁଟିଥିବା ଜଣାପଡିଛି। କୌଣସି କଥାକୁ କେନ୍ଦ୍ର କରି କିଛି ଦୁର୍ବୃତ୍ତ ହୋଟେଲ ଭିତରେ ପଶି ଫାୟରିଂ କରିଛନ୍ତି। ଏଥିରେ କାହାର କିଛି କ୍ଷତି ହୋଇନଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁସାରେ ଗୁରୁବାର ରାତି ପ୍ରାୟ ୧୦ଟା ସମୟରେ ହୋଟେଲ ସୌମ୍ୟଠାରେ ଡମ୍ବରୁ ବାଗ ବସିଥିଲେ। ଏହି ସମୟରେ ପ୍ରାୟ ୮/୯ ଜଣ ଦୃର୍ବୃତ୍ତ ହୋଟେଲ ଭିତରକୁ ପଶିଥିଲେ। ଡମ୍ବରୁଙ୍କ ସହିତ ଝଗଡ଼ା କରିବା ସହିତ ବନ୍ଧୁକ ବାହାର କରି ଗୁଳି ଫୁଟାଇଥିଲେ। ପରେ ଘଟଣାସ୍ଥଳରୁ ଫେରାର ମାରିଥିଲେ। ଏହି ଖବର ପ୍ରସାରିତ ହେବା ପରେ ଘଟଣାସ୍ଥଳରେ ଲୋକଙ୍କ ଭିଡ ଜମିଥିଲା । ଖବର ପାଇ ଟାଉନ ପୁଲିସ ଘଟଣାସ୍ଥଳରେ ପହଂଚି ଛାନଭିନ୍ ଆରମ୍ଭ କରିଛି। ପ୍ରକାଶ ଯେ, ହୋଟେଲ ସୌମ୍ୟର ମାଲିକ ମନୋଜ ବାଗ ଅଟନ୍ତି। ଏହି ଗୁଳିକାଣ୍ଡ କାହିଁକି ଘଟିଲା, କେଉଁ ମାନେ ଆସି ଗୁଳି ଫୁଟାଇଲେ ତାହା ଏବେ ପ୍ରଶ୍ନ ହୋଇ ଛିଡା ହୋଇଛି। ବଲାଙ୍ଗିର ସହର ମଧ୍ୟରେ ସାମାନ୍ୟ କଥା କଥାକୁ ଗୁଳି ଫୁଟିବା ଘଟଣା ଘଟୁଥିବା ଯୋଗୁଁ ଲୋକେ ଆତଙ୍କିତ ହୋପଡ଼ି ଥିବା ଦେଖା ଯାଉଚି। ଜନ ଜୀବନ ନିରାପତା ପ୍ରତି ପୋଲସ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦିଗରେ ଯତ୍ନବାନ ହେବାକୁ ଦାବି ହୁଏ।

## ୨୩ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ

ଭୁବନେଶ୍ୱର, ୫।୫(ପି.ଏନ): ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀ ଜନିତ ବର୍ଷା ଲାଗି ରହିଛି। ଆସନ୍ତା ୨୪ ଘଂଟା ମଧ୍ୟରେ ୨୩ ଜିଲ୍ଲାରେ ବିଜୁଳି ଘଡଘଡି ସହ କାଳବୈଶାଖୀ ବର୍ଷା ହେବାର ସମ୍ଭାବନା ଥିବାରୁ ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଏହି ଜିଲ୍ଲାଗୁଡିକ ହେଲା ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ପୁରୀ , ଖୋର୍ଦ୍ଧା, ନୟାଗଡ, ଗଂଜାମ, ଗଜପତି, ମାଲକାନଗିରି, କୋରାପୁଟ, ରାୟଗଡା, କନ୍ଧମାଳ, ମୟୁରଭଂଜ, କେନ୍ଦୁଝର,ସୁନ୍ଦରଗଡ, ଝାରସୁଗୁଡା, ନୂଆପଡା, ବଲାଙ୍ଗିର, ନବରଙ୍ଗପୁର ଓ କଳାହାଣ୍ଡି।

## ଝାରସୁଗୁଡାରେ ପ୍ରଚାର କଲେ ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ

ଝାରସୁଗୁଡା /ଭୁବନେଶ୍ୱର, ୫।୫(ପି.ଏନ): ଦୀର୍ଘବର୍ଷ ଧରି ବିଜୁ ଜନତା ଦଳ ଶାସନ କରୁଥିଲେ ବି ଏଯାଏଁ ଝାରସୁଗୁଡାରେ କୌଣସି ବିକାଶ ହୋଇନାହିଁ। ଝାରସୁଗୁଡାରେ ଶାସକ ଦଳର ସ୍ୱାସ୍ଥ୍ୟମନ୍ତ୍ରୀ ହୋଇବି ଡାକ୍ତରଖାନାରେ ଡାକ୍ତର ନାହାନ୍ତି । ଜିଲ୍ଲାରେ ସ୍ୱାସ୍ଥ୍ୟସେବା ଉତ୍କଟ, ପରିବେଶ ନିମ୍ନ, ରାସ୍ତାଘାଟ ବା ଗମନାଗମନ ଖରାପ । ଝାରସୁଗୁଡାରେ ବହୁ ଶିକ୍ଷାନୁଷ୍ଠାନ ଥାଇବି ଯୁବକ ଯୁବତୀମାନେ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି ଓ କାହିଁକି ସ୍ଥାନୀୟ ଲୋକ ଚାକିରିରୁ ବଂଚିତ ରହୁଛନ୍ତି। ରାଜ୍ୟର ଅନ୍ୟାନ୍ୟ ଜିଲ୍ଲା ତୁଳନାରେ ଝାରସୁଗୁଡା ଜିଲ୍ଲା ଅଧିକ ରାଜସ୍ୱେଦେବା ସତ୍ତ୍ୱେ ଏଠିକାର ଲୋକେ ଗରିବ କାହିଁକି ? ଖଣି, ପାଣି ରହିବି ଝାରସୁଗୁଡାରେ ବିଜୁଳି ସଂକଟ କାହିଁକି ? ବାସହୀନଙ୍କ ପାଇଁ କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ଆବାସ ଅନୁମୋଦନ ହୋଇଥିଲେ ବି ସେମାନେ ବଂଚିତ ଓ ଏହି ଗୃହକୁ ଶାସକ ବିଜେଡି ଦଳୀୟ ଆଧାରରେ ବଂଟାଯାଇଛି। ପଂଚାୟତଠାରୁ ଆରମ୍ଭ କରି ବ୍ଲକ ଓ ମ୍ୟୁନିସପାଲଟି ସବୁଠାରେ ଦୁର୍ନୀତି କାହିଁକି ହେଉଛି ? ୨୫ବର୍ଷ ଶାସନ କରୁଥିବା ମୁଖ୍ୟମନ୍ତ୍ରୀ ଏହାର ଜବାବ ରଖନ୍ତୁ ବୋଲି ଶୁକ୍ରବାର ସାଂସଦ ତଥା ପୂର୍ବତନ କେନ୍ଦ୍ର ମନ୍ତ୍ରୀ ପ୍ରତାପ ଷଡଙ୍ଗୀ କହିଛନ୍ତି ।ଶ୍ରୀ ଷଡଙ୍ଗୀ ଶୁକ୍ରବାର ଲଇକେରା ବ୍ଲକ ଏବଂ ଝାରସୁଗୁଡା ସହରର ବିଭିନ୍ନ ଅଂଚଳକୁ ଯାଇ ଦଳୀୟ ପ୍ରାର୍ଥୀ ଟଙ୍କଧର ତ୍ରିପାଠୀଙ୍କ ସପକ୍ଷରେ ପ୍ରଚାର କରିଛନ୍ତି। ଏହି ଅବସରରେ ସେ କହିଛନ୍ତି ବିଜେପିର ଗାଡି ଉପରକୁ ବିଜୁ ଜନତା ଦଳର କର୍ମୀମାନେ ପଥର ମାଡ କରୁଛନ୍ତି କିନ୍ତୁ ପୋଲିସ ଗିରଫ କରିବାରେ ବିଫଳ। ବିଜେଡି ଦଳ ହିଂସାରେ ବିଶ୍ୱାସ କରେ, ତାର ସଂସ୍କୃତି ହେଉଛି ହିଂସା। ବିଜେଡି ରାଜନୈତିକ ପ୍ରତିପକ୍ଷମାନଙ୍କୁ ହତ୍ୟା କରୁଛି। ଓଡିଶାକୁ ସୁରକ୍ଷା ଦେବାରେ ବିଜେଡି ସରକାର ସଂପୂର୍ଣ୍ଣ ବିଫଳ। ଝାରସୁଗୁଡାବାସୀ ପରିବର୍ତ୍ତନମୁହାଁ ଏବଂ ଏଥର ବିଜେପି ପ୍ରାର୍ଥୀ ଟଙ୍କଧର ତ୍ରୀପାଠୀଙ୍କୁ ବିଜୟର ମୁକୁଟ ପିନ୍ଧାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ହାତମୁଠାକୁ ଟାଣ କରିବେ । ମୋଦିଙ୍କ ବିକାଶ ଉପରେ ଝାରସୁଗୁଡାବାସୀ ଭରସା ରଖିଛନ୍ତି । ମୋଦିଙ୍କ ଆର୍ଶୀବାଦରେ ଝାରସୁଗୁଡାର ଅଦଭୂତପୂର୍ବ ବିକାଶ ହେବ ବୋଲି ଶ୍ରୀ ଷଡଙ୍ଗୀ କହିଛନ୍ତି ।ସେହିପରି ରାଜ୍ୟ ସଭାପତି ମନମୋହନ ସାମଲ, ସାଂସଦ ଜୁଏଲ ଓରାମ, ସୁରେଶ ପୁଜାରୀ, ବସନ୍ତ ପଣ୍ଡା, ପୂର୍ବତନ ସଭାପତି ସମୀର ମହାନ୍ତି ଓ କେ.ଭି.ସିଂହଦେଓ, ବରିଷ୍ଠ ନେତ୍ରୀ ସୁରମା ପାଢୀ, ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝୀ, ବିଧାୟକ ଭବାନୀ ଭୋଇ, କୁସୁମ ଟେଟେ, ମୁକେଶ ମହାଲିଙ୍ଗ, ନାଉରୀ ନାଏକ, ସୁରଜ ସୂର୍ଯ୍ୟବଂଶୀ, ପୂର୍ବତନ ବିଧାୟକ ତଥା ରାଜ୍ୟ ସାଧାରଣ ସଂପାଦକ ରବି ନାଏକ, ଲେଖାଶ୍ରୀ ସାମନ୍ତସିଂହାର, ପୂର୍ବତନ ବିଧାୟକ ବୃନ୍ଦାବନ ମାଝୀ, ହିମାଂଶୁ ମେହେର ପ୍ରମୁଖ ନେତୃବୃନ୍ଦ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଲଇକେରା, କୋଲାବିରା, କିର୍ମିରା ଏବଂ ଝାରସୁଗୁଡାର ବିଭିନ୍ନ ଅଂଚଳକୁ ଯାଇ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଥିଲେ ।ବିଜେପି ପ୍ରାର୍ଥୀ ଟଙ୍କଧର ତ୍ରିପାଠୀ ଆଜି ଝାରସୁଗୁଡା ସହରର ପଂଚପଡା, କୋଲାବିରା ବ୍ଲକର ଧୁବେନଗୁଡ, କୁଲିହାମାଲ, କୁସୁମଡିହି, ସମାସିଙ୍ଗା, କୁମ୍ଭାରମାଲ, ବିମଣ୍ଡ୍ରାର, ସୁଢାମାଲ, ରେଙ୍ଗାଲିପାଲି, ଅମୁନାପାଲି, ଗୁଚାପାଲି, ଗଞ୍ଜେଇମହଲରେ ଘର ଘର ବୋଲି ଭୋଟ ପ୍ରଚାର କରିଥିଲେ।

## ଦଙ୍ଗାକାରୀଙ୍କ ଘର ଉପରେ ବୁଲଡୋଜର ଚଢ଼ାଇବେ କି ବିଜେଡି ସରକାର ?: ବିଜେପି

ଭୁବନେଶ୍ୱର, ୫।୫(ପି.ଏନ):ବିଜୁ ଜନତା ଦଳର ୪୬ ବିଧାୟକଙ୍କ ନାଁରେ ୧୮୦ରୁ ଅଧିକ ସଙ୍ଗୀନ ଅପରାଧୀକ ମାମଲା ବିଚରାଧୀନ ଅଛି। ହତ୍ୟା, ହତ୍ୟା ଉଦ୍ୟମ, ଦୁଷ୍କର୍ମ, ଅସଦାଚରଣ ଭଳି ସଙ୍ଗୀନ ଦଫାରେ ବିଜୁ ଜନତା ଦଳର ନେତାମାନେ ଅଭିଯୁକ୍ତ। ବିଜେଡି ସରକାରରେ ଆଇନମନ୍ତ୍ରୀଙ୍କ ନାଁରେ ହତ୍ୟା ମାମଲା ପଞ୍ଜୀକୃତ ହୁଏ, ଗୃହମନ୍ତ୍ରୀଙ୍କ ନାଁ ଜଣେ ଯୁବତୀର ଦୁଷ୍କର୍ମ ଓ ହତ୍ୟା ସଂପୃକ୍ତିର ଅଭିଯୋଗରେ ଆସେ, ଶ୍ରମମନ୍ତ୍ରୀଙ୍କ ନାଁରେ ତାଙ୍କ ନିଜ ଦଳର ନେତ୍ରୀ ସଙ୍ଗୀନ ଅଭିଯୋଗ ଆଣନ୍ତି, ବିଧାୟକଙ୍କ ନାଁରେ ସେକ୍ସ ସ୍କାଣ୍ଡେଲ ଅଭିଯୋଗ ଆସେ । ଏହାହେଉଛି ବିଜୁ ଜନତା ଦଳର ଅସଲ ଚିତ୍ର ଓ ଚରିତ୍ର ବୋଲି ରାଜ୍ୟ ବିଜେପି ମୁଖପାତ୍ର ଅନିଲ ବିଶ୍ୱାଳ କହିଛନ୍ତି। ବିଜେଡି ସାମ୍ବାଦିକ ସମ୍ମିଳନୀର ଜବାବ୍‌ରେ ସେ ଶ୍ରୀ ବିଶ୍ୱାଳ କହିଛନ୍ତି ଯେ ଝାରସୁଗୁଡା ଉପନିର୍ବାଚରେ ବିଜୁ ଜନତା ଦଳ ହାରିବା ସୁନିଶ୍ଚିତ ଜାଣି ହିଂସାର ବାଟ ଆପଣାଇଛି। ଦୁଇଦିନ ତଳେ ବିଜେପିର ପ୍ରାର୍ଥୀ ଟଙ୍କଧର ତ୍ରିପାଠୀଙ୍କୁ ଯେଉଁମାନେ ଆକ୍ରମଣ ଉଦ୍ୟମ କରିଥିଲେ ସେମାନେ କେଉଁ ଦଳର ବିଜୁ ଜନତା ଦଳ ସ୍ପଷ୍ଟ କରୁ। ବିଜେପିର ବିଧାୟିକା କୁସୁମ ଟେଟେଙ୍କୁ ବିଜେଡି ଚିହ୍ନଥିବା ଗାମୁଛା ପକାଇ ଗୁଣ୍ଡାମାନେ ଆକ୍ରମଣ କରିଥିଲେ। ଲୋକମାନଙ୍କର ସମର୍ଥନ ପାଇବାରେ ନିରାଶ ହେଲେ ରାଜନୈତିକ ଦଳମାନେ ଦଙ୍ଗା ଓ ହିଂସା କରନ୍ତି ଯାହା ଏବେ ବିଜୁ ଜନତା ଦଳ ଝାରସୁଗୁଡାରେ କରୁଛି ବୋଲି ଶ୍ରୀ ବିଶ୍ୱାଳ କହିଛନ୍ତି।

## ଭାଙ୍ଗିବାର ୩ ବର୍ଷ ପରେ ବି ନିର୍ମାଣ ହେଉନାହିଁ ପୋଲ

ମାଲକାନଗିରି, ୫।୫(ପି.ଏନ): ମାଲକାନଗିରି ଜିଲା ମାଥିଲି ବ୍ଲକ କୁଟୁନିପାଲି ପଂଚାୟତ ଖଡକିଆଝଡି ଗ୍ରାମ ନିକଟ ଦେଇ ଯାଇଥିବା ନଦୀ ଉପରେ ନିର୍ମିତ ଏକ ପୋଲ ୩ ବର୍ଷ ହେଲା ଭୁଶୁଡ଼ି ପଡ଼ିଛି। ଫଳରେ ଲୋକେ ଯାତାୟାତରେ ବହୁ ଅସୁବିଧା ଭୋଗୁଛନ୍ତି। ଏଥିପ୍ରତି ପ୍ରଶାସନର ନଜର ନାହିଁ। ସମସ୍ୟା ସମାଧାନ ପାଇଁ ଅଂଚଳବାସୀ ବାରମ୍ବାର ପ୍ରଶାସନକୁ ଜଣେଇ ଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ । ଖଡକିଆଝଡି ଗ୍ରାମ ନିକଟ ନଦୀ ଉପରେ ହୋଇଥିବା ପୋଲ ଦେଇ ୩ଟି ଗ୍ରାମର ଲୋକେ ଯାତାୟତ କରି ଆସୁଥିଲେ । ପୋଲ ନ ଥିବା ସମୟରେ ଏହି ଅଂଚଳର ଲୋକେ ଯାତାୟତ ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ । ଗର୍ଭବତୀ କିମ୍ବା ଅନ୍ୟ କୌଣସି ରୋଗୀକୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବାକୁ ହେଲେ ଭାରରେ ବୋହି ନଦୀ ପାର କରାଯାଉଥିଲା। ବର୍ଷା ଦିନ ଆସିଲେ ୩ଟି ଗ୍ରାମର ଲୋକେ ବାହ୍ୟ ଜଗତରୁ ବିଚ୍ଛିନ୍ନ ହେଉଥିଲେ।

## ଆତଙ୍କବାଦୀଙ୍କ ଭୟଙ୍କର ହମଲାରେ ୫ ଯବାନ ସହିଦ

ନୂଆଦିଲ୍ଲୀ,୫।୫(ପି.ଏନ): ଜମ୍ମୁ-କଶ୍ମୀରର ରଜୌରୀରେ ଶୁକ୍ରବାର ସକାଳେ ସେନା ପକ୍ଷରୁ କରାଯାଇଥିବା ସର୍ଚ୍ଚ ଅପରେସନ ବେଳେ ଗୁଳି ମାଡ ସହ ବିସ୍ଫୋରଣ କରିଛନ୍ତି ଆତଙ୍କବାଦୀ। ଏହାର ଜବାବ ମଧ୍ୟ ସେନା ପକ୍ଷରୁ ଦିଆଯାଇଛି। ହେଲେ ଏହି ଗୁଳି ବିନିମୟ ଓ ବିସ୍ଫୋରଣରେ ୫ ଜଣ ଯବାନ ସହିଦ ହୋଇଥିବା ବେଳେ ଆଉ ଜଣେ ଏବେ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି।ପ୍ରଥମେ ଆତଙ୍କୀଙ୍କ ଗୁଳି ମାଡରେ ୨ ଜଣ ଯବାନ ସହିଦ ହୋଇଥିବା ବେଳେ ୪ ଜଣ ଆହତ ହୋଇଥିବାର ରିପୋର୍ଟ ଆସିଥିଲା। କିନ୍ତୁ ଚିକିତ୍ସାଧୀନ ଅବସ୍ଥାରେ ଆଉ ୩ ଜଣ ବୀର ଯବାନ ଆଖି ବୁଜିଛନ୍ତି। ଏହାକୁ ମିଶାଇ ଜମ୍ମୁ-କଶ୍ମୀରରେ ଗଲା ୩ ଦିନରେ ତୃତୀୟ ଥର ପାଇଁ ଏପରି ଆତଙ୍କବାଦୀ ଓ ସୁରକ୍ଷାକର୍ମୀ ମୁହାଁମୁହିଁ



ହୋଇଛନ୍ତି ।ରଜୌରୀ ସେକ୍ଟରର କାଣ୍ଡି ଜଙ୍ଗଲରେ କିଛି ଆତଙ୍କବାଦୀ ଲୁଚି ରହିଥିବା ଖବର ମିଳିଥିଲା। ଏମାନେ ନିକଟରେ ପୁଞ୍ଚରେ ହୋଇଥିବା ଆତଙ୍କୀ ହମଲାରେ ସାମିଲ ଥିବା ଏହି ସୂଚନାରେ କୁହାଯାଇଥିଲା। ଏହାପରେ ସକାଳ ପ୍ରାୟ ୭.୩୦ ସେନା ଓ ପୁଲିସ୍ ? ପକ୍ଷରୁ ମିଳିତ ଅପରେସନ ଆରମ୍ଭ ହୋଇଥିଲା। ସ୍ଥାନୀୟ ଅଞ୍ଚଳରେ ଥିବା ଗୋଟିଏ ସୁଡଙ୍ଗରେ ୨ରୁ ୩ ଜଣ ଆତଙ୍କବାଦୀ ଲୁଚି ରହିଥିବା ଜଣାପଡିଥିଲା। ତେବେ ଉକ୍ତ ଅଞ୍ଚଳଟି ପାହାଡିଆ ବଣ ଜଙ୍ଗଲ ମଧ୍ୟରେ ଥିବାରୁ ସୁରକ୍ଷାକର୍ମୀଙ୍କୁ ଅପରେସନ ପାଇଁ ବେଶ ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ପଡିଥିଲା।

## ସମ୍ଭାବ୍ୟ ବାତ୍ୟା: ଜିଲ୍ଲାପାଳ ଓ ଅନ୍ୟ ବିଭାଗକୁ ସତର୍କ କରାଇଲେ ଏସଆରସି

ଭୁବନେଶ୍ୱର,୫।୫(ପି.ଏନ): ବଙ୍ଗୋପସାଗରରେ ସାମୁଦ୍ରିକ ଝଡ ସୃଷ୍ଟି ହେବାକୁ ନେଇ ଭାରତୀୟ ପାଣିପାଗ ବିଭାଗ(ଆଇଏମଡି)ର ପୂର୍ବାନୁମାନ ପରେ ରାଜ୍ୟ ସରକାର ଆଜି ସମସ୍ତ ଜିଲ୍ଲାପାଳ ଓ ଅନ୍ୟ ବିଭାଗଗୁଡିକୁ ସତର୍କ ସୂଚନା ଜାରି କରିଛନ୍ତି । ରାଜ୍ୟ ସ୍ୱତନ୍ତ୍ର ରିଲିଫ କମିଶନର ଏନେଇ ଶୁକ୍ରବାର ସମସ୍ତ ଜିଲ୍ଲାପାଳଙ୍କୁ ଚିଠି ଲେଖି କହିଛନ୍ତି ଯେ, ଆଇଏମଡି ଦ୍ୱାରା ଜାରି ମଧ୍ୟାହ୍ନ ପାଣିପାଗ ବୁଲେଟିନ ଅନୁସାରେ ବଙ୍ଗୋପସାଗରର ଦକ୍ଷିଣ-ପୂର୍ବରେ ଏକ ସାମୁଦ୍ରିକ ଘୂର୍ଣ୍ଣିବଳୟ ଆସନ୍ତାକାଲି ସୁଦ୍ଧା ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ ଏକ ଲଘୁଚାପ ବଳୟ ରବିବାର ସୃଷ୍ଟି ହେବ, ଯାହାକି ସୋମବାର ସୁଦ୍ଧା ଅଧିକ ଘନୀଭୂତ ହୋଇ ସାମୁଦ୍ରିକ ଝଡରେ ରୂପାନ୍ତରିତ ହେବ । ଏହା କ୍ରମଶଃ ଉତ୍ତର ଦିଗରେ ମଧ୍ୟ ବଙ୍ଗୋପାସଗରକୁ ଗତି କରିବ । ତେବେ ଲଘୁଚାପ ବଳୟ ସୃଷ୍ଟି ହେବା ପରେ ପରି ଏହାର ଗତି ଓ ଦିଗ ସମ୍ପର୍କରେ ଅଧିକ ତଥ୍ୟ ଜଣାପଡିବ । ଆଇଏମଡି ପକ୍ଷରୁ ଏହା ଉପରେ ତୀକ୍ଷ୍ଣ ନଜର ରଖାଯାଇଛି ।ଆଇଏମଡି ପକ୍ଷରୁ କେତେକ ଜିଲ୍ଲା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ, ଗଞ୍ଜାମ, ଗଜପତି, ମାଲକାନଗିରି, କୋରାପୁଟ, ରାୟଗଡା, କନ୍ଧମାଳ, ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ, ଝାରସୁଗୁଡା, ନୂଆପଡା, ବଲାଙ୍ଗିର, ନବରଙ୍ଗପୁର ଓ କଳାହାଣ୍ଡି ଜିଲ୍ଲାର କିଛି ସ୍ଥାନରେ ବର୍ଷା ଓ ଘଡଘଡି ହେବାର ପୂର୍ବାନୁମାନ କରାଯାଇଛି ।

## ଦୁଇ ଦିନିଆ ଓଡିଶା ଗସ୍ତରେ ସୁପ୍ରିମକୋର୍ଟ ମୁଖ୍ୟ ବିଚାରପତି

ଭୁବନେଶ୍ୱର,୫।୫(ପି.ଏନ): ଦୁଇ ଦିନିଆ ଓଡିଶା ଗସ୍ତରେ ଆସି ଶୁକ୍ରବାର ଭୁବନେଶ୍ୱରରେ ପହଂଚିଛନ୍ତି ସୁପ୍ରିମକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ ଡି ୱାଇ ଚନ୍ଦ୍ରଚୂଡ଼। ଭୁବନେଶ୍ୱରରେ ପହଂଚିବା ପରେ ସେ ପୁରୀ ଯାଇ ମହାପ୍ରଭୁ ଙ୍କ ଦର୍ଶନ କରିଛନ୍ତି। ଆସନ୍ତାକାଲି କଟକ ଜୁଡିସିଆଲ ଏକାଡେମୀ ରେ ହେବାକୁ ଥିବା ନ୍ୟାସନାଲ କନ୍ଫରେନସ ଅନ ଡିଜିଟାଇଜେସନ ପେପର ଲେସ କୋର୍ଟ ସମ୍ମିଳନୀରେ ଯୋଗ ଦେବେ ସୁପ୍ରିମକୋର୍ଟ ମୁଖ୍ୟ ବିଚାରପତି ।

## ସୁକିନ୍ଦାରେ ଭୋକର ଛାତି ଥରା ଦୃଶ୍ୟ; ଶିଶୁମାନେ ଖାଉଛନ୍ତି ଭାତ ସାଙ୍ଗେ ଲୁଣ



ଭୁବନେଶ୍ୱର,୫।୫(ପି.ଏନ): ଯାଜପୁର ଜିଲ୍ଲା ସୁକିନ୍ଦାରେ ଦେଖିବାକୁ ମିଳିଛି ଭୋକର ଛାତି ଧରା ଦୃଶ୍ୟ। ଶିଶୁମାନେ ଖାଉଛି ଭାତ ସାଙ୍ଗେ ଲୁଣ। ଅତି ବେଶିରେ ଭାତ ସାଙ୍ଗରେ ରସୁଣ କୋଲାଏ ମିଳିଗଲେ ଅଧିକ। ଛିଣ୍ଡା ପଲିଥିନ ତଳେ ବିତୁଛି ଶିଶୁମାନଙ୍କ ଜୀବନ। ପାଠ ପ?ିବା ନିମନ୍ତେ ଆବଶ୍ୟକ ସାଧନ ସେମାନଙ୍କ ନିମନ୍ତେ ସାତ ସପନ। କେଉଁ ଦିନ ଅଧାପେଟ ଖାଇବାକୁ ମିଳୁଛି ତ କେଉଁଦିନ ପାଣିପିଇ ଶୋଇବାକୁ ପଡୁଛି। ରାତିରାତି ଅନିଦ୍ରା ରହିବାକୁ ବି ପଡୁଛି। କାରଣ ବର୍ଷା ହେଲେ ମୁଣ୍ଡ ଗୁଞ୍ଜିବାକୁ ଦଦରା ଝୁପୁଡି ଛଡା ସେମାନଙ୍କ ନିମନ୍ତେ ଅନ୍ୟ ବିକଳ୍ପ ନାହିଁ। ଝଡାବତାସ ଲାଗି ରହିଲେ ଏମାନଙ୍କ ଅବସ୍ଥା ହୋଇଯାଏ ଦୁର୍ବିସହ। ରାତି ହେଲେ ବିଷଧର ସାପ, ବାଘ, ଭାଲୁ, ହାତୀଙ୍କ ସହ କରିବାକୁ ପଡୁଛି ସଂଘର୍ଷ। ଯାଜପୁର ସୁକିନ୍ଦା ବ୍ଲକ କଂଅସ ପଞ୍ଚାୟତ ମଲ୍ଲାର ଅଞ୍ଚଳରେ ବସବାସ କରୁଥିବା ଏହି ଆଦିବାସୀ ଶିଶୁମାନଙ୍କ ଦୁଃଖ ଓ ଦୁରାବସ୍ଥା ଯିଏ ଦେଖିବ ତାହା ଆଖିରେ ପାଣି ଆସିଯିବ। ଖାଲି ଶିଶୁ କାହିଁକି ଏଠାରେ ବସବାସ କରୁଥିବା ବୃଦ୍ଧବୃଦ୍ଧା, ମହିଳା ଓ ପୁରୁଷଙ୍କ ଅବସ୍ଥା ମଧ୍ୟ ସମାନ। ବିକାଶ ଡିଣ୍ଡିମ ପିଟୁଥିବା ସରକାର କିପରି ଲୋକଙ୍କ ପାଖରେ ପହଞ୍ଚିବାରେ ବିଫଳ ହୋଇଛି ଏହା ତାହାର ନଗ୍ନଚିତ୍ର।

## ବିଜେପିର ହିଂସା ରାଜନୀତିକୁ ଘୃଣା କରନ୍ତି ଶାନ୍ତିପ୍ରିୟ ଓଡିଶାବାସୀ: ବିଜେଡି

ଭୁବନେଶ୍ୱର, ୫।୫(ପି.ଏନ): ଓଡିଶା ଏକ ଶାନ୍ତିପୂର୍ଣ୍ଣ ରାଜ୍ୟ ଏବଂ ୪.୫ କୋଟି ଓଡିଆ ହେଉଛନ୍ତି ଅତ୍ୟନ୍ତ ଶାନ୍ତିପ୍ରିୟ ଲୋକ । ସେମାନେ ଉଭୟ ଅପରାଧ ଓ ଅପରାଧୀଙ୍କୁ ଘୃଣା କରନ୍ତି । ଓଡିଶାର ସଂସ୍କୃତି ଏବଂ ପରମ୍ପରାରେ ଶାନ୍ତି ଓ ସୌହାର୍ଦ୍ଦ୍ୟକୁ ଗୁରୁତ୍ୱ ଦିଆଯାଏ ଏବଂ ଅପରାଧିକ ପୃଷ୍ଠଭୂମି ଥିବା ଲୋକଙ୍କୁ ଘୃଣା ଚକ୍ଷୁରେ ଦେଖାଯାଇଥାଏ । ତେବେ ଓଡ଼ିଶା ବିଜେପି ରାଜନୀତିରେ ଅପରାଧିକ ପୃଷ୍ଠଭୂମି ଥିବା ଲୋକଙ୍କୁ ଉତ୍ସାହିତ କରୁଥିବାବେଳେ ଓଡ଼ିଶାକୁ ଆଇନହୀନ ବୋଲି ଦର୍ଶାଇବାକୁ ଚେଷ୍ଟା କରୁଛି ବୋଲି କହିଛନ୍ତି ବିଜେଡି ମୁଖପାତ୍ର ଲେନିନ୍ ମହାନ୍ତି । ଶୁକ୍ରବାର ଏଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଜେଡି ମୁଖପାତ୍ର ଶ୍ରୀ ମହାନ୍ତି କହିଛନ୍ତି ଯେ ଝାରସୁଗୁଡା ଉପନିର୍ବାଚନରେ ବିଜେପି ପ୍ରାର୍ଥୀ ହୋଇଥିବା ଟଙ୍କଧର ତ୍ରିପାଠୀଙ୍କ ନାମରେ ହତ୍ୟା ଉଦ୍ୟମ ସମେତ ୧୨ ଟି ମାମଲା ରହିଛି । ଓଡିଶା ବିଜେପି ସବୁବେଳେ ଅପରାଧିକ ପୃଷ୍ଠଭୂମି ଥିବା ପ୍ରାର୍ଥୀଙ୍କୁ ହିଁ ସ୍ଥାନ ଦେଇଥାଏ । ପଦମପୁର ଉପନିର୍ବାଚନରେ ଓଡିଶା ବିଜେପି ପ୍ରାର୍ଥୀ କରିଥିବା ପ୍ରଦୀପ ପୁରୋହିତଙ୍କ ବିରୋଧରେ ୧୩ ଟି ଅପରାଧିକ ମାମଲା ବିଚାରାଧୀନ ଅଛି । ଅଇରାସିସ୍ ଆଚାର୍ଯ୍ୟଙ୍କ ବିରୋଧରେ ୧୪ ଟି ମାମଲା ବିଚାରାଧୀନ ଅଛି । ସେହିଭଳି ଓଡିଶା ବିଜେପିର ବିଧାୟକ ଜୟନାରାୟଣ ମିଶ୍ରଙ୍କ ବିରୋଧରେ ହତ୍ୟା ମାମଲା ସମେତ ୧୬ ଟି ଅପରାଧିକ ମାମଲା ରହିଛି । ଯେତେବେଳେ ଏହାର ନେତାଙ୍କ ବିରୋଧରେ ଏତେଗୁଡ଼ିଏ ଅପରାଧିକ ମାମଲା ରହିଛି, ସେତେବେଳେ ଓଡ଼ିଶା ବିଜେପି କିନ୍ତୁ ଓଡିଶାବାସୀଙ୍କ ସମ୍ମାନହାନୀ କରିବା ପାଇଁ ସେମାନଙ୍କୁ ଆଇନହୀନ ବୋଲି କହିବା ଜାରି ରଖିଛି । ଶ୍ରୀ ମହାନ୍ତି କହିଛନ୍ତି ଝାରସୁଗୁଡା ଉପନିର୍ବାଚନରେ ଓଡିଶା ବିଜେପି ନିଜର ଆସନ୍ନ ପରାଜୟକୁ ଦେଖି ବିଜୁ ଜନତା ଦଳର ନେତା ତଥା କର୍ମୀଙ୍କ ଉପରେ ନିର୍ବାଚନ ହିଂସା ଆରମ୍ଭ କରିଦେଇଛି । ମଇ ୨ ତାରିଖରେ ଓଡିଶା ବିଜେପି କର୍ମୀ ବିପ୍ର ବାଞ୍ଜୋରଙ୍କ ସମେତ ଓଡିଶା ବିଜେପିର ବହୁ ସମର୍ଥକ ବିଜେଡି କର୍ମୀ ଗୋବିନ୍ଦ ଝରାଙ୍କ ଉପରେ ମରଣାତ୍ମକ ଆକ୍ରମଣ କରିଥିଲେ । ଝାରସୁଗୁଡା ବିଧାନସଭା ନିର୍ବାଚନୀ କ୍ଷେତ୍ରର ଗୌରପଡା, ଧୁବେନବୁଡା, କୁଲିହାମଲ, କୋଲାବିରା ବ୍ଲକରେ ବିଜେଡି କର୍ମୀଙ୍କ ଉପରେ ଆକ୍ରମଣ କରିଥିଲେ । ଏହି ଆକ୍ରମଣରେ ବିଜେଡି କର୍ମୀ ଗୋବିନ୍ଦ ଝରା ଗୁରୁତର ଭାବେ ଆହତ ହୋଇଛନ୍ତି । ମଇ ୩ ତାରିଖ ସନ୍ଧ୍ୟାରେ ବିଜେପି ବିଧାୟିକା ଶ୍ରୀମତୀ କୁସୁମ ଟେଟେଙ୍କ ସମେତ ଝାରସୁଗୁଡା ଉପନିର୍ବାଚନରେ ପ୍ରାର୍ଥୀ ହୋଇଥିବା ଓଡିଶା ବିଜେପିର ଟଙ୍କଧର ତ୍ରିପାଠୀ ପ୍ରଚାର କରୁଥିଲେ । ଏହି ସମୟରେ ମଧ୍ୟ ବିଜେଡି କର୍ମୀଙ୍କୁ ଆକ୍ରମଣ କରାଯାଇଛି । ଓଡିଶା ବିଜେପି ନେତାଙ୍କ ଅପରାଧିକ ମାମଲା ତଥା ଝାରସୁଗୁଡା ଉପନିର୍ବାଚନରେ ନିର୍ବାଚନୀ ହିଂସା ତଥା ପଦମପୁର ଏବଂ ବିଜେପୁର ଉପନିର୍ବାଚନର ସମସ୍ତ ଉଦାହରଣ ଦର୍ଶାଉଛି ଯେ ଅପରାଧିକ ରେକର୍ଡ ଥିବା ଲୋକଙ୍କୁ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଓଡିଶା ବିଜେପି କିପରି ଉତ୍ସାହିତ କରୁଛି । ଏଥିପାଇଁ ଓଡିଶାର ଲୋକମାନେ ଓଡିଶା ବିଜେପିକୁ ବାରମ୍ବାର ପ୍ରତ୍ୟାଖ୍ୟାନ କରୁଛନ୍ତି । ଝାରସୁଗୁଡା ଉପର୍ନିବାଚନରେ ମଧ୍ୟ ଓଡିଶା ବିଜେପିକୁ ଅନୁରୂପ ଭାବେ ପ୍ରତ୍ୟାଖ୍ୟାନ କରିବେ ବୋଲି ଶ୍ରୀ ମହାନ୍ତି କହିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ବିଜେଡି ମୁଖପାତ୍ର ଶ୍ରୀମତୀ ଲୋରା ମହାପାତ୍ର ଏବଂ ମଧୁସ୍ମିତା ସାହୁ ଉପସ୍ଥିତ ଥିଲେ ।








# ଟି ଟାଇମ୍

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ଭାଇଜାନ୍‌ଙ୍କ ଚମକ



୫୧ ବର୍ଷରେ ପାଦ ଦେଇଛନ୍ତି ଦବଙ୍ଗ ଷ୍ଟାର୍ ସଲମନ୍ ଖାଁ। କନ୍ତୁ ସଲ୍ଲୁଙ୍କ କ୍ରେଜ୍ ଏବେବି କମିନି। ବୟସ ୫୧ ଛୁଇଁଲେ ବି ତାଙ୍କର ପ୍ରତିଟି ନୂଆ ଫିଲ୍ମ ଦର୍ଶକଙ୍କୁ ଦେଇଛି ନୂଆ ଟେଷ୍ଟ ଆଉ ବକ୍ସ ଅଫିସରେ କରିଛି ନୂଆ ରେକର୍ଡ। ବୟସ ସହିତ ତାଳଦେଇ ବଢ଼ିଚାଲିଛି ଦବଙ୍ଗ୍ ଷ୍ଟାରଙ୍କ କ୍ରେଜ୍। 'ବିବି ହୋ ୟୈସି'ରୁ କ୍ୟାରିଅର୍ ଆରମ୍ଭ କରିଥିବା ସଲ୍ଲୀ ମିଆଁ ବଲିଉଡିରେ ୨୫ରୁ ଅଧିକ ବର୍ଷ ବିତାଇ ସାରିଲେଣି। ଫ୍ଲପ୍ ହିଟର ଏକ୍ସପେରିମେଣ୍ଟ କରୁକରୁ ସଲମାନ୍ ବନି ଯାଇଛନ୍ତି ବଲିଉଡର ବ୍ୟାଙ୍କବେଲ୍ ଷ୍ଟାର। ଯାହାଙ୍କୁ ନେଇ ପ୍ରଡ୍ୟୁସର କେବେ ବି ଆଶଙ୍କା ସୃଷ୍ଟି କରନ୍ତି ନାହିଁ। କାରଣ ଲଗାତର୍ ସେ ଦେଇଚାଲିଛନ୍ତି ଗୋଟିଏ ପରେ ଗୋଟିଏ ବ୍ଲକ ବ୍ଲଷ୍ଟର ହିଟ୍। ଛୋଟ ପରଦାରେ ତାଙ୍କ ହୋଷ୍ଟିଂ ମଧ୍ୟ ଖୁବ୍ ହିଟ୍ ହୋଇଛି। ଚଳିତ ବର୍ଷ ଫ୍ୟାନଙ୍କୁ 'ବଜରଙ୍ଗୀ ଭାଇଜାନ୍' ଓ 'ପ୍ରେମରତନ ଧନ ପାୟୋ' ଭଳି ଦୁଇଟି ସୁପରହିଟ୍ ଫିଲ୍ମ ଭେଟି ଦେଇଛନ୍ତି ସଲମାନ୍। ଆସନ୍ତା ବର୍ଷ ରିଲିଜ୍ ହେବାକୁ ଥିବା ସୁଲତାନ କେବେ ପରଦାକୁ ଆସୁଛି ତାହାକୁ ହିଁ ଅପେକ୍ଷା।

## ଗୋରୁଙ୍କ ଫାଟୁଆ ରୋଗ ଚିକିତ୍ସା

ଦେଶର ବିଭିନ୍ନ ସ୍ଥାନରେ ଗୋରୁଗାଇଙ୍କୁ ନୃଶଂସ ଭାବେ ହତ୍ୟା କରାଯାଉଥିବା ବେଳେ ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ଓ ପ୍ରତିବାଦର ସ୍ୱର ଉତ୍ତୋଳିତ ହୋଇଛି । ଏଭଳି ପରିସ୍ଥିତିରେ ଦୁଇ ବିଦେଶୀ ନାଗରିକ କଷ୍ଟ ଲାଘବ ଗୋରୁଗାଇଁଙ୍କ ପାଇଁ ଜୋତା ତିଆରି କରବା ବାସ୍ତବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଘଟଣାଟି ହେଉଛି ଦୁଇ ବ୍ରିଟିଶ ଇନ୍‌ଭେଷ୍ଟର ନିଜ ବ୍ୟବସାୟକୁ ବିଶ୍ୱସ୍ତରରେ ପ୍ରସାର କରିବା ଉଦ୍ଦେଶ୍ୟରେ ଗୋରୁଗାଇଙ୍କ



ପାଇଁ ଜୋତା ତିଆରି କରୁଛନ୍ତ । ଯାହାଫଳରେ ଗୋରୁଗାଇଙ୍କୁ ଖୋରାଜନିତ ଯନ୍ତ୍ରଣାରୁ ଉପସମ ମିଳିବ । ୪୦ ବର୍ଷୀୟ ରୋବର୍ଟ ଟାଡ୍ ଓ ୪୩ ବର୍ଷୀୟ ମାଇକ ବ୍ରିମ୍ବଲ ମିଳିତଭାବେ ଏହି ଜୋତା ପ୍ରସ୍ତୁତ କରୁଛନ୍ତି । ଏହି ଜୋତାକୁ ୪୨ଟି ଦେଶରେ ବିକ୍ରି ପାଇଁ ଛଡ଼ାଯାଇଛି । ଏହି ଦେଶମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆ, କାନାଡ଼ା ଓ ୟୁଏସ୍ଏ ସାମିଲ ରହିଛି । ପ୍ରୋଜେକ୍ଟ ମ୍ୟାନେଜର ମାଇକ୍ କହନ୍ତି, ତାଙ୍କର ଏହି ନିଆରା ଉଦ୍ୟମକୁ କେତେକ ଦେଶରେ ବେଶ୍ ପ୍ରଶଂସା କରାଯାଇଛି । ବିଶେଷକରି ୟୁରୋପର ଏକ ପ୍ରାଣୀ ଚିକିତ୍ସାଳୟରୁ ମାଇକଙ୍କ ପାଖକୁ ଶୁଭେଚ୍ଛା ବାର୍ତ୍ତା ମଧ୍ୟ ଆସିଛି । ଆଉ କିଛି ବ୍ୟକ୍ତି ଏହି ଜୋତା ବ୍ୟବସାୟ ପାଇଁ ଆଗ୍ରହ ପ୍ରକାଶ କରି ଲାଇସେନ୍ସ ବାହାର କରିବାରେ ଲାଗିପଡ଼ିଛନ୍ତି । ମାଇକ ପେସାରେ ଜଣେ କୃଷକ । କୃଷିକ୍ଷେତ୍ରରେ କାମକରୁଥିବା ସମୟରେ ହଳକରୁଥିବା ଦୁଇ ବଳଦଙ୍କ ଖୋରାରୁ ରକ୍ତ ବାହାରୁଥିବା ଦେଖି ମାଇକ୍ ସେମାନଙ୍କ ପାଇଁ ଜୋତା ତିଆରି କରିବାର ପରିକଳ୍ପନା କରିଥିଲେ ଯାହାକୁ ସେ ଆଜି ବାସ୍ତବ ରୂପ ଦେଇଛନ୍ତି।

## ପୁରାଣ କାହାଣୀ

# ବିଶ୍ୱ ନିର୍ମାଣର ସ୍ରଷ୍ଟା 'ବିଶ୍ୱକର୍ମା'

ଦେବ ଶିଳ୍ପୀ ବିଶ୍ୱକର୍ମା ଏ ବିଶ୍ୱର ସମସ୍ତ ନିର୍ମାଣ କାର୍ଯ୍ୟର ସ୍ରଷ୍ଟା । ସେ ବ୍ରହ୍ମାଙ୍କ ନାଭି ମଣ୍ଡଳରୁ ଜାତ ବୋଲି ଧର୍ମ ଶାସ୍ତ୍ରମାନଙ୍କରେ ଉଲ୍ଲେଖ ରହିଛି । ସେ କନ୍ୟା ସଂକ୍ରାନ୍ତି ଦିନ ମର୍ତ୍ତ୍ୟ ଲୋକରେ ଆବିର୍ଭୁତ ହୋଇଥିବାରୁ ସେହିଦିନ ମର୍ତ୍ତ୍ୟଲୋକର ସମସ୍ତ ଶିଳ୍ପୀକୂଳ ତାଙ୍କରି ପୂଜା ଏବଂ ଆରାଧନା କରି ଥାଆନ୍ତି ।

ବିଶ୍ୱକର୍ମା ବିଶ୍ୱର ବିଧାଣୀ । ସେ ବୈକୁଣ୍ଠବାସୀ ଓ ସର୍ବଗୁଣ ସମ୍ପନ୍ନ । ସର୍ବଶକ୍ତିମାନ, ସର୍ବନିୟନ୍ତା , ବାୟରୂପେ ସର୍ବବିଦ୍ୟମାନ, ବାସ୍ତୁବିଦ୍ୟାର ଦେବତା ଏବଂ ନିର୍ମାଣ କାର୍ଯ୍ୟର ଦଣ୍ଡଧାରୀ ଦେବତା ।



ବ୍ରହ୍ମବୈବର୍ତ୍ତ ପୁରାଣରେ ବ୍ରହ୍ମାଙ୍କ ନାଭିରୁ ଜାତ, ପୁରାଣରେ ସେ ଦେବ ଶିଳ୍ପୀ । ଏମିତି ଭିନ୍ନ ଭିନ୍ନ ନାମରେ ସେ ପରିଚିତ । ତାଙ୍କରି ହାତ ସ୍ପର୍ଶରେ କୁବେରଙ୍କର ଅଳକାପୁର, ଦ୍ୱାରକା ନଗର, ସ୍ୱର୍ଣ୍ଣଲଙ୍କା, କୃଷ୍ଣ ନିବାସ, ସେତୁ ବନ୍ଧ ନିର୍ମାଣ, ଇନ୍ଦ୍ରଭୁବନ, ଗୋଲକଧାମ, ସୁଦାମା ପୁରୀ, ମହାଲକ୍ଷ୍ମୀଙ୍କ ସମୁଦ୍ରକୁଳସ୍ଥ ମର୍ତ୍ତ୍ୟ ବୈକୁଣ୍ଠ, କଳାକାରଖାନା, ମଠ ମନ୍ଦିର, ମସଜିଦ, ଗାଡିମଟର, ଉଡାଜାହାଜ, ଛପାଖାନା, ରେଳ ଗାଡି, ଟିଭି, ରେଡିଓ, କମ୍ପ୍ୟୁଟର ଆଦି ।ଆମ ଚାରିପଟେ ଦେଖୁଥିବା ତିନିପୁରର ସମସ୍ତ ନିର୍ମାଣ ମଣିଷ କିଛି କରେ ନାହିଁ । ମଣିଷ ଦେହରେ ବିଜେ ହୋଇ ସେ ହିଁ ସବୁ କରି ଥାଆନ୍ତି । ଅନେକଙ୍କ ମତରେ କୃଷି ଓ ବୃଷ୍ଟିର ଦେବତା ହେଉଛନ୍ତି ବିଶ୍ୱକର୍ମା । ବିଶ୍ୱକର୍ମା ଉଭୟ ବୈଦିକ ଓ ପୌରାଣିକ ଦେବତା । ଆଧୁନିକ ରୂପରେ ସେ ରୂପରେ ଗୌର । ହସ୍ତରେ ବିଭିନ୍ନ ମାନଦଣ୍ଡ, ଚାରି ଭୂଜା ବାମ ଉପର ହସ୍ତରେ ବଟାଳି, ନିମ୍ନହସ୍ତରେ ମାର୍ତ୍ତୁଳ ବା ନିକିତି, ଦକ୍ଷିଣ ଉର ହସ୍ତରେ ଚକ୍ର ଧାରଣ କରି ପୂଜା ପାଉଛନ୍ତି । ଶ୍ୱେତ ବସ୍ତ୍ର ପରିଧାନ କରିବା ସହ କାନ୍ଧରେ ପଇତା ପକାଇ ଭକ୍ତଙ୍କୁ ଦର୍ଶନ ଦିଅନ୍ତି । ତେଣୁ ବିଭିନ୍ନ ଶିଳ୍ପ ସଂସ୍ଥାରେ ଏହି ବିଶ୍ୱକର୍ମାଙ୍କ ପୂଜା ଧୂମଧାମରେ ପାଳନ କରାଯାଏ ।

# ବିଲେଇ ଶାଳା

ଯଦି ଏହି ପୃଥିବୀରେ ବିଲେଇମାନଙ୍କ ପାଇଁ କେଉଁଠି ସ୍ୱର୍ଗଥାଏ ତେବେ ତାହା ହେଉଛି କାଲିଫର୍ଣ୍ଣିଆ। ଦି କ୍ୟାଟ୍ ହାଉସ୍ ଅନ୍ ଦି କିଙ୍ଗସ୍ ନାମରେ ପ୍ରସିଦ୍ଧ ଏକ ଘରେ ବର୍ତ୍ତମାନ ୭୦୦ ବିଲେଇ ବାସ କରନ୍ତି। ବିଲେଇମାନଙ୍କ ରହିବା ପାଇଁ ସେଠାରେ ୯ଟି ଭିନ୍ନ ଭିନ୍ନ ସ୍ଥାନ ତିଆରି କରାଯାଇଛି। ଏହାକୁ ବିଶ୍ୱର ସବୁଠାରୁ ବଡ ବିଲେଇ ଅଭ୍ୟାରଣ୍ୟ ବୋଲି କୁହାଯାଏ। ଏହି ଘରର ନିର୍ମାଣ ୧୯୯୨ରେ କରାଯାଇଥିଲା, ସେହିଦିନଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରାୟ ୨୪ ହଜାର ବିଲେଇଙ୍କୁ



ଏଠାରେ ପୋଷା ଯାଇସାରିଲାଣି। ଏହି ବିଲେଇ ଘରର ନିର୍ମାଣ ଲିନିୟା ଲତାଞ୍ଜିୟୋ କରିଥିଲେ। ଲିନିୟା କୁହନ୍ତି, ମୁଁ ଚାହୁଁନି ଯେ, କୌଣସି ବିଲେଇ ପିଞ୍ଜରାରେ କଏଦ୍ ହୋଇ ରୁହନ୍ତୁ। ସେମାନଙ୍କୁ ଖୁବ୍ ଜୋର୍‌ରେ ଦୌଡିବା ଏବଂ ଗଛ ଉପରେ ଚଢ଼ିବା ଅଧିକାର ଅଛି। ଏହି କାରଣ ଯୋଗୁଁ ମୁଁ ଏହି ଅଭ୍ୟାରଣ୍ୟର ନିର୍ମାଣ କରିଥିଲି। ସେ କୁହନ୍ତି ମୁଁ ପ୍ରତିଦିନ ଏଭଳି ବିଲେଇଙ୍କୁ ଖୋଜେ, ଯାହାକୁ ଲୋକେ ଛାଡି ଦେଇଥାଆନ୍ତି। ସେମାନଙ୍କୁ ମୁଁ ମୋର ଏହି ଘରକୁ ଆଣେ। ଏହି ବିଲେଇ ଅଭ୍ୟାରଣ୍ୟର ଫଟୋକୁ ଫଟୋଗ୍ରାଫର କ୍ରିଷ୍ଟିନା ଗେଣ୍ଡଲ୍ମୋ ଉଠାଇଛନ୍ତି, ଯିଏକି ଲାସ୍ ଏଞ୍ଜେଲିସ୍‌ରେ ବାସ କରନ୍ତି। ସେ କୁହନ୍ତି, ମୁଁ ଏହି ଫଟୋ ଜରିଆରେ ଲିନିୟା ଏବଂ ତାଙ୍କ ଦଳର ସଦସ୍ୟ କିଭଳି ପରିଶ୍ରମ କରୁଛନ୍ତି ତାହା ଜଣାଇବା ପାଇଁ ଚେଷ୍ଟା କରିଛି।

## ଫଟୋସପ୍‌ର କମାଲ୍

ଥିଓଡର। ତା'ବୟସ ମାତ୍ର ୧୦ ମାସ। ଏତେ କମ୍ ବୟସରେ ସେ ଚିତା ବାଘ ଉପରେ ବସି ମସ୍ତି କରେ ତ ଆଉ କେତେ ବେଳେ ହାତୀର ଶୁଣ୍ଢ ସହ ଖେଳେ। କେତେବେଳେ ଭାଲୁ ସହ ଶୋଇଯାଏ ତ ଆଉ କେତେବେଳେ ସିଲ୍ ମାଛ ସହ ତାଳରେ ତାଳ ମିଶାଇ ଗୀତ ଗାଏ। ଆପଣମାନେ ଭାବୁଥିବେ ଏତେ କମ୍ ବୟସ୍କ ଛୁଆଟି ଏଭଳି ଭୟାନକ ପଶୁଙ୍କ ସହ କିଭଳି ଖେଳିପାରେ। ପ୍ରକୃତରେ ଏହା ହେଉଛି ଫଟୋସପ୍‌ର କମାଲ୍। ଅଷ୍ଟ୍ରିୟାରେ ବାସ କରୁଥିବା ଡେନିଏଲା ବେବିକ୍ ନିଜ ଫଟୋଗ୍ରାଫିର ସଉକ୍‌କୁ ପୂରଣ କରିବା ପାଇଁ ଏକ୍ସପେରିମେଣ୍ଟ କରୁକରୁ ଏଭଳି ଫଟୋ ପ୍ରସ୍ତୁତ କରିଛନ୍ତି, ଯାହାକୁ ଦେଖି ଲୋକେ ଚକିତ ହୋଇଯିବେ। ସୂଚନା ଯୋଗ୍ୟ ଯେ, ଡେନିଏଲ୍‌ଙ୍କୁ ଫଟୋଗ୍ରାଫି ଏବଂ ଫଟୋସପ୍‌ରେ କାମ କରିବା ଦ୍ୱାରା ଆନନ୍ଦ ମିଳେ। ସେ ସର୍ବଦା କିଛି ନୂଆ କରିବାରେ ବିଶ୍ୱାସ କରନ୍ତି।

## ଦି ଇଣ୍ଟରଭ୍ୟୁ ଟାଇମ୍ସର ୮ମ ବାର୍ଷିକ ଉତ୍ସବ ପାଳିତ



ଭୁବନେଶ୍ୱର : ରାଜ୍ୟର ଅଗ୍ରଣୀ ମାସିକ ପତ୍ରିକା "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ୮ମ ବାର୍ଷିକ ଉତ୍ସବ ହୋଟେଲ୍ ସ୍ୱସ୍ତି ପ୍ରିମିୟମ୍, ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଅଛି । "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ସମ୍ପାଦକ ଦିବ୍ୟଜିତ୍ ସାହୁଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମକୁ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଖାଦ୍ୟ ଯୋଗାଣ ମନ୍ତ୍ରୀ), ଡଃ ଅରୁଣ କୁମାର ସାହୁ (କୃଷି ମନ୍ତ୍ରୀ) ଉଦ୍‌ଘାଟନ କରିଥିଲେ । ମୁଖ୍ୟଅତିଥି ଭାବେ ଜଷ୍ଟିସ୍ ମଦନ ମୋହନ ଦାସ (ବିଚାରପତି), ଶ୍ରୀଯୁକ୍ତ ତାରାରଂଜନ ପଟ୍ଟନାୟକ (ପ୍ରତିଷ୍ଠାତା-ଫାଲ୍‌କନ୍ ମେରାଇନ୍) ଏବଂ ରାକେଶ ମୋହନ (ବେଦାନ୍ତ ଲିମିଟେଡ୍) ଯୋଗ ଦେଇଥିଲେ । ଏହି ଅବସରରେ ଅତିଥିମାନେ "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ପ୍ରୟାସକୁ ସାଧୁବାଦ୍ ଜଣାଇବା ସହ ସଫଳତା କାମନା କରିଥିଲେ । ମଞ୍ଚସଭା ପରେ ପରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୨୦ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ "ଦି ଇଣ୍ଟରଭ୍ୟୁ ଟାଇମ୍ସ" ପରିବାର ତରଫରୁ ସମ୍ମାନଜନକ "ଶ୍ରେଷ୍ଠ-୨୦ ଓଡ଼ିଶାର ପ୍ରେରଣାଦାୟୀ ବ୍ୟକ୍ତି" ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ସ୍ୱତନ୍ତ୍ର ସଂଖ୍ୟା "ଭିଜନ୍ ଅଫ୍ ଓଡ଼ିଶା-୨୦୧୯" ଉନ୍ମୋଚିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ କୁମାର ମହାନ୍ତି ଏବଂ ଉପଦେଷ୍ଟା ସୁଚିସ୍ମିତା ପୃଷ୍ଟି ଉପସ୍ଥିତ ଥିଲେ । ପରିଶେଷରେ ସହ-ସମ୍ପାଦକ ଶୁଭୋଜିତ୍ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ଏବେ ଇ-ଟୁଥବ୍ରସ୍

ଲୋକମାନଙ୍କର ବଞ୍ଚିବା ଷ୍ଟାଇଲ ଯଦି ସ୍ମାର୍ଟ, ସେମାନେ ବ୍ୟବହାର କରୁଥିବା ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଯେପରି ମୋବାଇଲ, କମ୍ପୁଟର ଆଦି ସ୍ମାର୍ଟ ତେବେ ଏଥିରୁ ଟୁଥବ୍ରସ୍ ବା କାହଁକି ବାଦ ପଡ଼ିବ। ଟୁଥବ୍ରସ୍‌ର କେତେକ କମ୍ପାନୀ ଏବେ ଇ-ଟୁଥବ୍ରସ୍ ବନାଇବାକୁ ଯୋଜନା କରୁଛନ୍ତି। ଏହି ଇ-



ଟୁଥବ୍ରସ୍ ଆପଣଙ୍କ ଦାନ୍ତକୁ ସଫା କରିବା ସହିତ ନୋଟ୍ କରିଥାଏ କି ଆପଣଙ୍କର ଦାନ୍ତ କେତେ ସଫାସୁତୁରା ଅଛି। ସେହି ଡାଟାକୁ ଏକ ଖାସ୍ ଆପ ସାହାଯ୍ୟରେ ଆପଣଙ୍କର ସ୍ମାର୍ଟ ଫୋନ୍ ଓ ଆଇଫୋନ୍‌କୁ ପଠାଇଥାଏ। ଏହି ଆପ ସାହାଯ୍ୟରେ ଆପଣ ଜାଣି ପାରିବେ ଯେ ଆପଣଙ୍କର ବ୍ରସ୍ କରିବା ଷ୍ଟାଇଲରେ ଦାନ୍ତ ଠିକ୍ ଭାବେ ସଫା ହେଉଛି ନା ନାହିଁ ଓ ବ୍ରସ୍ କରିବା ଫଳରେ ଆପନଙ୍କ ଦାନ୍ତ ମାଢ଼ି ର କୌଣସି କ୍ଷତି ହେଉନାହିଁ ତ। ପ୍ରତିଦିନର ବ୍ରସ୍ କରିବା ପରେ ସେହି ବ୍ରସ୍ ଦାନ୍ତର ସୁସ୍ଥତା ଓ ଦାନ୍ତ ସଫା ହୋଇଛି ନା ନାହିଁ ନିୟମିତ ସୁଚନା ଦେଇଥାଏ। ଏହା ବ୍ୟତୀତ ଏହି ସ୍ମାର୍ଟ ଟୁଥବ୍ରସ୍ ଦାନ୍ତକୁ ସଠିକ୍ ଭାବେ ସଫା କରିବାର ପ୍ରକ୍ରିୟା ମଧ୍ୟ ବତାଇଦେବ।

## ଫିନାଇଲ ବ୍ୟବହାର କରୁଛନ୍ତି କି ?

ଫିନାଇଲିରେ ଏମିତି କିଛି ବିଷାକ୍ତ ପଦାର୍ଥ ମିଶିଛି ଯାହା ଆମ ଶରୀରରେ ସ୍ଲୋପଜଏଜ ଭଳି କାମ କରିଥାଏ। ବହୁ ଅଧ୍ୟୟନରୁ ଜଣାପଡିଛି ଯେ, ସଫା କରିବା ପାଇଁ ବ୍ୟବହୃତ ହେଉଥିବା ଫିନରାଇଲରେ ବହୁତ କ୍ଷତିକାର ତତ୍ତ୍ୱ ମିଶିକରି ରହିଥାଏ। ଫିନାଇଲିରେ ରହିଥାଏ ଶକ୍ତିଶାଳୀ ଫିନେଲ, ଯାହା ରୋଗାଣୁରୋଧକ ଏବଂ କୀଟାଣୁନାଶକ କାମ କରିଥାଏ। ଯେତେବେଳେ ଏହାକୁ ଲାଟିନ୍ କିମ୍ବା ବାଥ୍‌ରୁମ୍ ସଫାକରିବା ପାଇଁ ବ୍ୟବହାର କରାଯାଏ ତ ଏଥିରେ ଥିବା କେମିକାଲ ବହୁତ ସମୟ ଧରି ନିଶ୍ୱାସ ପ୍ରଶ୍ୱାସରେ ନେଲେ ବହୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଯଥା ପେଟ, ଅନ୍ତ, ଲିଭର, କିଡନୀ ଏବଂ ହାର୍ଟକୁ କ୍ଷତି ପହଞ୍ଚାଇଥାଏ। ବେଳେ ବେଳେ ଏହାର ପରିମାଣ ଖୁବ ଭୟଙ୍କର ହୋଇଥାଏ। ସମୟ ପୂର୍ବରୁ ଯଦି ଏହାର ଚିକିତ୍ସା ନକରାଯାଏ ତ ସ୍ଥିତି ଗମ୍ଭୀର ହୋଇପାରେ। ଫିନାଇଲ ଆଖି ଏବଂ ତ୍ୱଚା ସଂସ୍ପର୍ଶରେ ଆସିଲେ ଜଳାପୋଡା ହେବା ସହ ଏହାର ଅଧିକ ବ୍ୟବହାର ଦୃଷ୍ଟିଶକ୍ତି ଚାଲିଯବାର ବହୁ ସମ୍ଭାବନା ରହିଛି। ଠିକ୍ ସେହିଭଳି ଏହା ନିଶ୍ୱାସ




ମାଧ୍ୟମରେ ଭିତରକୁ ଚାଲିଯାଏ ତ ନାକ, ଗଳା ଏବଂ ଫୁସ୍‌ଫୁସ୍‌ର ଭିତର ଅଂଶ ଜଳାପୋଡା ହୋଇପାରେ। ଫିନାଇଲକୁ ନେଇ ଆମର ମସ୍ତିଷ୍କ ଖୁବ୍ ସମ୍ବେଦନଶୀଳ। ଫିନାଇଲ୍ ଦ୍ୱାରା ହୃଦଘାତ ଏବଂ କୋମାକୁ ଚାଲିଯିବାର ସମ୍ଭାବନା ରହିଛି।

## ଆଜିର ଭାଗ୍ୟ


ମେଷ
ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।


ବୃଷ
ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।


ମିଥୁନ
ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।


କର୍କଟ
ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।


ସିଂହ
ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ଦାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।


କନ୍ୟା
ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।


ତୁଳା
ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।


ବିଛା
ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।


ଧନୁ
ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।


ମକର
କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।


କୁମ୍ଭ
ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।


ମୀନ
ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

ସଂ ଗଚ୍ଛଧ୍ବଂ ସଂ ବଦଧ୍ବଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ।।
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୩, ମଇ ୦୬

# କର୍ଣ୍ଣାଟକରେ ମାଗଣା ପ୍ରତିଶ୍ରୁତି


ସୌଭାଗ୍ୟ ରଞ୍ଜନ ମହାନ୍ତି(ରାଜା)

୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ଚଳିତ ବର୍ଷର ପ୍ରଥମ ତଥା ମାର୍ଯ୍ୟାଦାଜନକ କର୍ଣ୍ଣାଟକ ବିଧାନସଭା ନିର୍ବାଚନ ଆଉ ମାତ୍ର ୫ଦିନ ବାକି ଥିବାବେଳେ ତିନି ପ୍ରମୁଖ ଦଳ ବିଜେପି, ବିଜେଡି ଏବଂ ଜନତା ଦଳ (ଧର୍ମନିରପେକ୍ଷ)ପକ୍ଷରୁ ପ୍ରଚାର ଅଭିଯାନ ଚରମ ପର୍ଯ୍ୟାୟରେ ପହଁଚିଛି। ନୂତନ ବିଧାନସଭା ଓ ସରକାର ଗଠନ ପାଇଁ ଆସନ୍ତା ୧୦ତାରିଖରେ ଭୋଟ ଗ୍ରହଣ ହେବ ଏବଂ ଏହାର ତିନିଦିନ ପରେ ଭୋଟ ଗଣତି ହେବ। କର୍ଣ୍ଣାଟକ ବିଧାନସଭା ନିର୍ବାଚନକୁ ଉଭୟ କଂଗ୍ରେସ ଓ ବିଜେପି ଅତ୍ୟନ୍ତ ମର୍ଯ୍ୟାଦାର ପ୍ରସଙ୍ଗ ଭାବେ ଗ୍ରହଣ କରିଛନ୍ତି। ଏଥିପାଇଁ ଯେ, ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ଦକ୍ଷିଣ ଏକ ବୃହ୍ତ ରାଜ୍ୟର ନିର୍ବାଚନ ଫଳାଫଳ ସାଧାରଣ ନିର୍ବାଚନ ଫଳାଫଳକୁ ପ୍ରଭାବିତ କରିବା ସମ୍ଭାବନାକୁ ଅଣଦେଖା କରାଯାଇନପାରେ। ସେହିପରି ଦକ୍ଷିଣ ଭାରତର ଏକମାତ୍ର ରାଜ୍ୟରେ ବିଜେପି ନିଜର ଦୁର୍ଗ ରକ୍ଷାକୁ ସମ୍ମାନର ପ୍ରଶ୍ନ ଭାବେ ଗ୍ରହଣ କରିଥିବାବେଳେ କଂଗ୍ରେସ ନିଜର ହୃତ ଗୌରବ ଫେରାଇ ଆଣିବା ପାଇଁ ନିର୍ବାଚନକୁ 'କର ଅବା ମର' ଭାବରେ ଗ୍ରହଣ କରିଥିବା ମନେହୁଏ। ଭୋଟଦାତାଙ୍କୁ ଆକର୍ଷିତ କରିବା ପାଇଁ ଉଭୟ ଦଳ ସେମାନଙ୍କ ନିର୍ବାଚନ ଇସ୍ତାହାରରେ ମାଗଣା ପାସରା ଖୋଲି ଦେଇଥିବା କହିଲେ ହୁଏତ ଅତିରଂଜିତ ହେବ ନାହିଁ। କେବଳ ଏତିକି ନୁହେଁ ଉଭୟ ଦଳ ମଧ୍ୟ ସେମାନଙ୍କ ଆଦର୍ଶଗତ କାର୍ଯ୍ୟଧାରା ଦ୍ୱାରା ଭୋଟ ଦାତାଙ୍କୁ ପ୍ରଭାବିତ କରିବା ପାଇଁ ଏକ ପ୍ରକାର ପ୍ରତିଦ୍ୱନ୍ଦିତା ଆଭିମୁଖ୍ୟ ଗ୍ରହଣ କରିବାରେ ମଧ୍ୟ ପଛରେ ପଡିନାହାଁନ୍ତି ବୋଲି କୁହାଯାଇପାରେ। ବିଜେପି ତା'ର ନିର୍ବାଚନ ଇସ୍ତାହାରରେ ବାର୍ଷିକ ମନୋନୀତ ପରିବାରକୁ ମାଗଣାରେ ୩ଟି ରନ୍ଧନ ଗ୍ୟାସ ସିଲିଣ୍ଡର, ଦୈନିକ ପ୍ରତି ପରିବାରକୁ ମାଗଣାରେ ଅଧ ଲିଟର ନନ୍ଦିନୀ ଦୁଗ୍ଧ ଦେବା ପାଇଁ ପ୍ରତିଶ୍ରୁତି ଦେଇଛି। ଉଲ୍ଲେଖଯୋଗ୍ୟ ଯେ ଗୁଜୁରାଟରେ ଅମୂଲ କ୍ଷୀରକୁ କର୍ଣ୍ଣାଟକରେ ପ୍ରବେଶ କରାଇବା ପାଇଁ ବିଜେପି ଉଦ୍ୟମ କରୁଥିବା ନେଇ ହୋଇଥିବା ଅଭିଯୋଗକୁ ପ୍ରତିହିତ କରିବା ପାଇଁ ଦଳ ତାର ନିର୍ବାଚନ ଇସ୍ତାହାରରେ ଗରିବ, ଅସହାୟ ପରିବାରକୁ ପ୍ରତି ଦିନ ମାଗଣାରେ ନନ୍ଦିନୀ କ୍ଷୀର ଯୋଗାଇଦେବା ପାଇଁ ଘୋଷଣା କରିଛି। କେବଳ ଏତିକି ନୁହେଁ ଦଳ ବିବଦୀୟ ଜାତୀୟ ନାଗରିକ ପଂଜିକରଣ(ଏନଆରସି)କୁ ରାଜ୍ୟରେ କାର୍ଯ୍ୟକାରୀ କରିବା ପାଇଁ ପ୍ରତିଶ୍ରୁତି ଦେଇଛି। କହିବା ବାହୁଲ୍ୟ ଯେ, ଏହା ଏବେ କେବଳ ଆମାସରେ ସିମିତ ହୋଇ ରହିଛି। ସେହିପରି ସମସ୍ତ ଧାର୍ମିକ ସଂପ୍ରଦାୟ ପାଇଁ ୟୁନିଫର୍ମ ସିଭିଲ କୋର୍ଡ ମଧ୍ୟ ପ୍ରଚଳନ ପାଇଁ ନିର୍ବାଚନ ଇସ୍ତାହାରରେ ପ୍ରତିଶ୍ରୁତିବଦ୍ଧ ରହିଛି। ଏହା ନିଶ୍ଚିତ ଯେ ବିଜେପିର ଏହି ଉଭୟ କାର୍ଯ୍ୟକ୍ରମ କେବଳ କର୍ଣ୍ଣାଟକ ନହେଁ, ସାରା ଦେଶରେ ଏକ ସରଗରମ ପ୍ରସଙ୍ଗ ଭାବେ ରହିଥିବାବେଳେ ସଂପ୍ରଦାୟ ମଧ୍ୟରେ ବିଚ୍ଛେଦ ସୃଷ୍ଟି କରିପାରେ। ଏହା ସତ୍ତ୍ୱେ ମଧ୍ୟ ବିଜେପି ହିନ୍ଦୁତ୍ୱ ଆଭିମୁଖ୍ୟକୁ ସର୍ବାଧିକ ଗୁରୁତ୍ୱ ଦେଇଥିବା କୁହାଯାଏ। ସେହିପରି କଂଗ୍ରେସ ମଧ୍ୟ ତା'ର ନିର୍ବାଚନ ଇସ୍ତାହାରରେ ପ୍ରତି ପରିବାରକୁ ୨୦୦ ୟୁନିଟ ପର୍ଯ୍ୟନ୍ତ ମାଗଣା ବିଦ୍ୟୁତ ମହିଳାମାନଙ୍କୁ ସରକାରୀ ବସରେ ମାଗଣା ଯାତ୍ରା ପାଇଁ ପ୍ରତିଶ୍ରୁତି ଦେଇଥିବା ବେଳେ ନିର୍ବାଚନ କାର୍ଯ୍ୟସୂଚୀ ଘୋଷଣା ହେବା ପୂର୍ବରୁ ବିଜେପି ରଦ୍ଦ କରିଥିବା ସଂଖ୍ୟାଲଘୁ ସଂପ୍ରଦାୟ ପାଇଁ ଉଦ୍ଦିଷ୍ଟ ଥିବା ଚାରି ପ୍ରତିଶତ ସଂରକ୍ଷଣ ପୁନଃ ପ୍ରଦାନ କରିବା ପାଇଁ ଘୋଷଣା କରିଛି। କେବଳ ଏତିକି ନୁହେଁ, ରାଜ୍ୟରେ ମୁସଲିମ ସଂପ୍ରଦାୟର ନିରାପତା ଏବଂ କଲ୍ୟାଣ ପାଇଁ କଂଗ୍ରେସ ପ୍ରତିଶ୍ରୁତି ବଦ୍ଧ ଥିବା ଘୋଷଣା କରିଥିବାବେଳେ କ୍ଷମତାକୁ ଆସିଲେ ବଜରଙ୍ଗଦଳକୁ ନିଷିଦ୍ଧ ଘୋଷଣା କରିବାକୁ ପ୍ରତିଶ୍ରୁତି ଦେଇଛି। ଆହୁରି ମଧ୍ୟ ବିଜେପି ସରକାରଙ୍କ ବହୁ ବିବାଦୀୟ ଆଇନର ସମୀକ୍ଷା କରିବା ସହ ହିନ୍ଦୁତ୍ୱ ପ୍ରଧାନ୍ୟ ସ୍କୁଲ ପାଠ୍ୟକ୍ରମ ସଂଶୋଧନ କରିବାକୁ ଘୋଷଣା କରିଛି। ଅନ୍ୟପକ୍ଷରେ ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ.ଡି.ଦେବଗୌଡାଙ୍କ ନେତୃତ୍ୱାଧୀନ (ଜେଡିଏସ) ମଧ୍ୟ ମାଗଣା ବଂଟନ ପ୍ରତିଶ୍ରୁତ ଦେବାରେ ପଛରେ ପଡିନାହିଁ। ସଂଖ୍ୟାଲଘୁ ସଂପ୍ରଦାୟ ପାଇଁ ୪ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥାର ପୁନଃ ପ୍ରଚଳନ ପାଇଁ ଇସ୍ତାହାରରେ ଘୋଷଣା କରିଛି। ଏହା ମଧ୍ୟ ସତ୍ୟ ଯେ, ଦକ୍ଷିଣ କର୍ଣ୍ଣାଟକରେ ଭୋକାଲିଙ୍ଗା ସଂପ୍ରଦାୟର ଦୁର୍ଗକୁ ଅତୁଟ ରଖିବା ପାଇଁ କଠିନ ପରୀକ୍ଷାର ସମ୍ମୁଖୀନ ହୋଇଥିବା ଜେଡିଏସକୁ ବ୍ୟାପକ ଦୁର୍ନୀତି, ପ୍ରିୟାପ୍ରିତି ତୋଷଣ ନେଇ ଉଭୟ ବିଜେପି ଓ କଂଗ୍ରେସ ଟାର୍ଗେଟ କରିଛନ୍ତି । ଅବଶ୍ୟ ଏହି ଅଭିଯୋଗକୁ ଜେଡିଏସ ଖଣ୍ଡନ କରିଛି। ଏହା ସତ୍ୟ ଯେ, ଭୋଟଦାତାଙ୍କୁ ପ୍ରଭାବିତ କରିବା ପାଇଁ ୩ ପ୍ରମୁଖ ଦଳପକ୍ଷରୁ ଦିଆଯାଇଥିବା ମାଗଣା ଯୋଜନା ଓ କାହାର ପଲା ଭାରୀ ହେଉଛି ନିର୍ବାଚନ ଫଳାଫଳ ହିଁ କହିବ।

ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର,ଶରୋଡ ନଂ-୩,
ଶିଶୁପାଳଗଡ,-୭୫୧୦୦୨
ମୋବାଇଲ ନଂ-୯୪୩୭୯୯୪୩୭୯

# ସଂଗ୍ରାମୀ ପବିତ୍ର ମୋହନ ପ୍ରଧାନ


ବାଦଲ ଭୂୟାଁ

ତାଳଚେରର ଅଖ୍ୟାତ ପଲ୍ଲୀ ପୋଇପୋଲ ଆଜି ପବିତ୍ର ମୋହନ ପ୍ରଧାନଙ୍କ ଲାଗି ପରିଚିତ ପାଇଛି। ମାତୃଭୂମି ପାଇଁ ଜୀବନ ଦେଇଥିବା ସ୍ୱାଧୀନତା ସଂଗ୍ରାମୀଙ୍କ ମଧ୍ୟରେ ସେ ଅନ୍ୟତମ। କୋମଳ ବୟସରେ ମାତାପିତାଙ୍କୁ ହରାଇ ଖୁବ୍ କଷ୍ଟରେ ତାଙ୍କ ଜୀବନ ବିତିଥିଲା। ଚାଟଶାଳିରେ ବିଦ୍ୟାରମ୍ଭ କରିଥିଲେ। ଏଣ୍ଟ୍ରାସ ପାସ କରି କଟକ ରେଭେନ୍ସାରେ ପବିତ୍ର ନାମ ଲେଖାଇଲେ। ଉତ୍କଟ ଅର୍ଥାଭାବ ସତ୍ତ୍ୱେ ସ୍ନାତକ ହାସଲ କଲେ ଏବଂ ଟ୍ୟୁସନ କରି ମାସିକ ୭ଟଙ୍କା ପାଇଲେ। ଏହାପରେ ତାଳଚେର ସରକାରୀ ଉଚ୍ଚ ବିଦ୍ୟାଳୟରେ ସହକାରୀ ଶିକ୍ଷକ ଭାବେ ନିଯୁକ୍ତି ହେଲେ। ତାଙ୍କ ଦକ୍ଷତା ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ତାଳଚେର ତତ୍କାଳୀନ ଶାସକ ତାଙ୍କୁ ନିଜ ଘରୋଇ ଶିକ୍ଷକ ଭାବେ ନିଯୁକ୍ତ କଲେ। ଆଜୀବନ ବ୍ରହ୍ମଚାରୀ ପବିତ୍ର ଥିଲେ ମାନବତାର ପୂଜାରୀ। ଗରିବ, ନୀରିହ ଗ୍ରାମବାସୀଙ୍କ ପ୍ରତି ବ୍ରିଟିଶ ଶାସନାଧୀନ ରାଜାଙ୍କ ଅତ୍ୟାଚାର ଓ ଶୋଷଣ ବିରୋଧରେ ସେ ରଣହୁଙ୍କାର ଦେଇଥିଲେ। ତାଳଚେରରେ ପ୍ରଜା ଆନ୍ଦୋଳନ ସେତେବେଳେ ଉଗ୍ର ରୂପ ନେଇଥିଲା। ତାର ମଙ୍ଗୁଆଳ ଥିଲେ ପବିତ୍ର। ବ୍ରିଟିଶ ସରକାର ପାଖରେ ମୁଣ୍ଡ ନୁଆଁଇବା ବଦଳରେ ସରକାରୀ ଚାକିରୀକୁ ସେ ପାଦରେ ଆଡ଼େଇ ଦେଇଥିଲେ। ଏଥିପାଇଁ ବ୍ରିଟିଶ ସରକାରଙ୍କଠୁ ଅକଥନୀୟ ଅତ୍ୟାଚାର ମଧ୍ୟ ସହ୍ୟ କରିଥିଲେ। ହିଜରତ ଆନ୍ଦୋଳନର ସେ ଥିଲେ ସୂତ୍ରଧର। ବାପୁଙ୍କ ଭାରତ ଛାଡ଼ ଆନ୍ଦୋଳନ ଡାକରାରେ ପବିତ୍ର ତାଳଚେର ଜେଲରୁ ପଳାୟନ କଲେ। ହେଲେ ତାଙ୍କୁ ଧରିବା ଲାଗି ତାଳଚେର ରାଜା ପୁରସ୍କାର ରାଶି ଘୋଷଣା କଲେ। ସେ କିନ୍ତୁ ସଂଗ୍ରାମୀଙ୍କ ସହ ମିଶି ଆନ୍ଦୋଳନର ବ୍ଲୁ ପ୍ରିଣ୍ଟ ତିଆରି କଲେ। ଅନେକ ସଂଘର୍ଷ ପରେ ଦେଶ ସ୍ୱାଧୀନ ହେଲା। ୧୯୪୮ରେ ଡ.ହରେକୃଷ୍ଣ ମହତାବଙ୍କ ନେତୃତ୍ୱରେ ପବିତ୍ର ମନ୍ତ୍ରୀ ଦାୟିତ୍ୱ ବହନ କଲେ। ଏହାପରେ ଅର୍ଥମନ୍ତ୍ରୀ, ବିଜୁପଟ୍ଟନାୟକଙ୍କ ମନ୍ତ୍ରୀମଣ୍ଡଳରେ ଶିକ୍ଷା, କୃଷି, ଜନଜାତି ଓ ଗ୍ରାମୀଣ ବିକାଶ ମନ୍ତ୍ରୀ ରହିଥିଲେ। ଉପମୁଖ୍ୟମନ୍ତ୍ରୀ ପଦ ମଧ୍ୟ ଅଳଙ୍କୃତ କରିଥିଲେ। ସ୍ୱାଧୀନତା ସଂଗ୍ରାମ ଓ ରାଜନୀତି କ୍ଷେତ୍ରରେ କେବଳ ତାଙ୍କର ପରିଚିତି ରହିଛି ତାହା ନୁହେଁ, ପବିତ୍ର ଜଣେ ଲେଖକ, କବି, ପ୍ରକୃତିପ୍ରେମୀ ଓ ଧାର୍ମିକ ବ୍ୟକ୍ତି ଥିଲେ। ୧୯୦୮ ଫେବୃଆରୀ ଆଜିର ଦିନ ବର୍ତ୍ତମାନର ଅନୁଗୁଳ ଜିଲ୍ଲାର ପୋଇପାଳ ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ ପବିତ୍ର ମୋହନ ପ୍ରଧାନ।

ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି
ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ
ରୋଡ଼, ପୁରୁଣା ସୋନାରୀ,
ଜାମସେଦପୁର,
ଦୂରଭାଷ : ୭୪୮୮୯୯୮୫୩୨

# ଜଗନ୍ନାଥ ଦାଶ ଓ ଓଡ଼ିଆ ଭାଗବତ


ପ୍ରଦୀପ୍ତ କୁମାର ଜେନା

ପଞ୍ଚଦଶ ଶତାବ୍ଦୀର ଶେଷ ଭାଗରେ ଅର୍ଥାତ ୧୪୯୧ ମସିହା ରାଧାଷ୍ଟମୀ ଦିନ ଜଗନ୍ନାଥ ଦାଶ ପୁରୀ ଜିଲ୍ଲା କପିଳେଶ୍ୱରପୁର ବ୍ରାହ୍ମଣ ଶାସନରେ ପିତା ଭଗବାନ ଦାଶ ଓ ମାତା ପଦ୍ମାବତୀ ଦେବୀଙ୍କ ଔରସରୁ ଭୂମିଷ୍ଠ ହୋଇଥିଲେ ବୋଲି କୁହାଯାଏ । ଗଜପତି ପ୍ରତାପରୁଦ୍ର ଦେବ ସେହି କାଳଖଣ୍ଡରେ ପୁରୀର ଗଜପତି ଥିଲେ । ଜଗନ୍ନାଥ ଦାଶଙ୍କ ପିତ ଭଗବାନ ଦାଶ ଜଗନ୍ନାଥଙ୍କ ପୁରାଣ ପଣ୍ଡା ଥିଲେ। ସେ ପ୍ରତ୍ୟେହ ଶ୍ରୀମନ୍ଦିରରେ ରାମାୟଣ ମହାଭାରତ ସଂସ୍କୃତ ଭଗବତ ଆଦି ପାଠ କରି ଲୋକ ମନକୁ ଶୁଣାଉଥିଲେ । ଭଗବାନ ଦାଶଙ୍କ ମୃତ୍ୟୁ ହେବା ପରେ ଜଗନ୍ନାଥ ଦାଶ ନିଜର ସେହି କୌଳିକ ବୃତ୍ତିକୁ ଆପଣାଇ ନେଇ ଦୈନିକ ପୁରାଣ ପାଠ କରୁଥିଲେ। ଜଗନ୍ନାଥ ଦାଶଙ୍କ ମା' ସଂସ୍କୃତ ଭାଗବତ ଭଲ ଭାବରେ ବୁଝିପାରୁନଥିବାରୁ ସେ ଜଗନ୍ନାଥଙ୍କୁ କହିଲେ "ଯଦି ସଂସ୍କୃତ ମହାପୁରାଣକୁ ଓଡ଼ିଆରେ ଅନୁବାଦ କରାଯାଇପାରନ୍ତ ତା'ହେଲେ ସେ ଭଲ ଭାବରେ ବୁଝି ପାରନ୍ତେ ।" ମା'ଙ୍କ ଇଚ୍ଛାକୁ ପୂରଣ କରିବା ପାଇଁ ଜଗନ୍ନାଥ ଦାଶ ସଂସ୍କୃତ ଭଗବତକୁ ନିଜସ୍ୱ ଶୈଳୀରେ ଅତ୍ୟନ୍ତ ସହଜ ସରଳ ସାବଲୀଳ ଭାଷାରେ ନବାକ୍ଷରୀ ଛନ୍ଦରେ ଶ୍ରୀମନ୍ଦିର ବଟଗଣେଶଙ୍କ ନିକଟରେ ଓଡ଼ିଆରେ ଅନୁବାଦ କଲେ। ସେ ସଂସ୍କୃତ ଭାଗବତକୁ ଅନୁକରଣ କରି ନିଜସ୍ୱ ଶୈଳୀରେ ରଚନା କଲେ । ଆମ ଶାସ୍ତ୍ର ମତରେ ଭଗବାନ ଶ୍ରୀକୃଷ୍ଣ ଭାଗବତକୁ ଚାରୋଟି ଶ୍ଳୋକରେ ବ୍ରହ୍ମାଙ୍କୁ କହିଥିଲେ । ବ୍ରହ୍ମଦେବ ଦଶଟି ଶ୍ଳୋକରେ ସେହି ଭାଗବତକୁ ତାଙ୍କ ମାନସ ପୁତ୍ର ନାରଦଙ୍କୁ କହିଥିଲେ । ନାରଦ ଏକଶହ ଶ୍ଳୋକରେ ଭାଗବତକୁ ବ୍ୟାସଦେବଙ୍କୁ କହିବା ପରେ ବ୍ୟାସଦେବ ଅଠର ହଜାର ଶ୍ଳୋକରେ ଭାଗବତ ମହାପୁରାଣ ରଚନା କରିଥିଲେ । ବ୍ୟସଦେବ ଅଠରଟି ପୁରାଣ ରଚନା କରିଥିଲେ । ତନ୍ମଧ୍ୟରୁ ଭାଗବତ ଥିଲା ମହାପୁରଣ ଓ ତାଙ୍କ ସୃଷ୍ଟିର ସାରନିର୍ଯାସ ଜଗନ୍ନାଥ ଦାଶ ଜଗନ୍ନାଥଙ୍କ ଜଣେ ପରମଭକ୍ତ ଥିଲେ । ସେ ଯେଉଁ ସମୟରେ ଓଡ଼ିଆରେ ପୁରାଣ କାବ୍ୟ କବିତା ଲେଖିବା ଆରମ୍ଭ କଲେ ସେତେବେଳେ ଓଡ଼ିଶାରେ ନବେ ପ୍ରତିଶତ ଲୋକ ନିରକ୍ଷର ଥିଲେ । ଓଡ଼ିଆ ଭାଷାରେ ପ୍ରାୟ କୌଣସି ଲିଖିତ ପୁରାଣ ବା ସାହିତ୍ୟ ଲୋକମାନଙ୍କ ପାଖରେ ଉପଲବ୍ଧ ନଥିଲା । ଚତୁର୍ଦ୍ଦଶ ଶତାବ୍ଦୀ ବେଳକୁ ଶୁଦ୍ରମୁନି ସାରଳା ଦାସ ଯଦିଓ ଓଡ଼ିଆ ଭାଷାରେ ମହାଭାରତ ରଚନା କରିଥିଲେ ତାହା କିନ୍ତୁ ତାଳପତ୍ର ପୋଥି ଭିତରେ ସୀମିତ ଥିଲା। ରେମୁଣା ବାଲେଶ୍ୱରର ଶ୍ରୀଧର ସ୍ୱାମୀ ସଂସ୍କୃତ ଭାଗବତର ଟୀକ ଓଡ଼ିଆରେ ରଚନା କରିଥିଲେ। ଜଗନ୍ନାଥ ଦାଶ ଯେଉଁ ସମୟରେ ଓଡ଼ିଆ ଭାଷାରେ ପୁରାଣ କାବ୍ୟ କବିତା ଲେଖିବାର ପ୍ରୟାସ କଲେ ସେ କାଳ ଖଣ୍ଡରେ ଓଡ଼ିଶାରେ ଆହୁରି ଚାରିଜଣ ଜଗନ୍ନାଥଙ୍କ ଭକ୍ତ ସାହିତ୍ୟ ଓ ପୂରଣ ରଚନରେ ମନୋନିବେଶ କରିଥିଲେ । ଏମାନେ ଥିଲେ ବଳରାମ ଦାଶ, ଅଚ୍ୟୁତାନନ୍ଦ ଦାଶ, ଯଶୋବନ୍ତ ଦାଶ ଓ ଅନନ୍ତ ଦାଶ । ଏମାନେ ସମସ୍ତେ ଥିଲେ ଜଣେ ଜଣେ ସାଧକ ଓ ଜଗନ୍ନାଥଙ୍କ ପରମ ଭକ୍ତ। ସମସ୍ତଙ୍କ ସୃଷ୍ଟି ପ୍ରାୟ ଥିଲା ଏକ ଭଳି। ଏହି ପାଞ୍ଚ ସାଧକଙ୍କୁ ପଞ୍ଚଶାଖା ଭାବରେ ଚିତ୍ରଣ କରାଯାଇଛି ଓ ସେ ସମୟକୁ ପାଞ୍ଚଶାଖା ଯୁଗ ବୋଲି ଓଡିଆ ସାହିତ୍ୟରେ ଅଭିହିତ କରାଯାଇଛି। ବାସ୍ତବରେ ଏହି ଯୁଗରେ ଅନେକ ପୁରାଣ କାବ୍ୟ ଓ ସାହିତ୍ୟ ସୃଷ୍ଟି ହୋଇ ଓଡ଼ିଆ ସାହିତ୍ୟ ଭଣ୍ଡାର ସମୃଦ୍ଧ ହୋଇଛି । ପାଞ୍ଚଶାଖା ଯୁଗୀୟ ସାହିତ୍ୟରେ ଜ୍ଞାନ ଓ ଭକ୍ତିର ସମନ୍ୱୟ ଘଟିଛି। ଏହାକୁ ଜ୍ଞାନ ମିଶ୍ର ଭକ୍ତି କହିଲେ ଭୁଲ ହେବା ନାହିଁ। ସମସ୍ତେ ଭଗବାନଙ୍କ ନିର୍ଗୁଣ ଓ ସୁଗୁଣ ରୂପକୁ ନିଜ ସୃଷ୍ଟିରେ ସ୍ଥାନିତ କରିଛନ୍ତି । ଯୋଗ, ପ୍ରାଣାୟାମ ଓ ସମାଧି ମାଧମରେ ଭଗବାନଙ୍କ ସନ୍ନିଧ ଲାଭ କରିଛନ୍ତି । ଏହି ଯୁଗରେ ଯେତେ ପୁରାଣ କାବ୍ୟ ଓ ସାହିତ୍ୟ ସୃଷ୍ଟ ହୋଇଥିଲା ତନ୍ମଧ୍ୟରୁ ଜଗନାଥ ଦାଶଙ୍କ ଓଡ଼ିଆ ଭାଗବତ ଓଡ଼ିଶାର ପ୍ରତ୍ୟେକଟି ଜନମାନସକୁ ଛୁଇଁ ପାରିଥିଲା । ପ୍ରତ୍ୟେକ ଲୋକଙ୍କ ଠାକୁରଘରେ ଭଗବତ ଗାଦି ପୂଜା ପାଉଥିଲା । ଭାଗବତ ଥିଲା ଓଡ଼ିଆ ଜାତିର ବେଦ। ଓଡ଼ିଆ ଜାତିକୁ ସାକ୍ଷର କରିବା ପାଇଁ ଭାଗବତର ଦାନ ଅତୁଳନୀୟ । ଲୋକଟିଏ ହେଉ କିମ୍ବା ନବବଧୂଟିଏ ହେଉ ଯଦି ସେ ଭଗବତ ଦି' ଅକ୍ଷର ପଢି ପାରୁଥିଲା ତାଙ୍କୁ ସାକ୍ଷର ବୋଲି ଧାରାଯାଉଥିଲା । ବିଭାଘର ସମୟରେ କନ୍ୟା ଯଦି ଭଗବତ ପଢି ଜାଣିଛି ତାହେଲେ ବିଭାଘର ପାଇଁ କିଛି ଅସୁବିଧା ନଥିଲ। ପ୍ରତ୍ୟେକ ଗାଁରେ ଭାଗବତ ଟୁଙ୍ଗିମାନ ଗଠି ଉଠିଥିଲା। କର୍ମ କ୍ଳାନ୍ତ ମଣିଷଟି ସନ୍ଧ୍ୟାରେ ନିଜ କାର୍ଯ୍ୟ ଶେଷ କରି ଭାଗବତ ଟୁଙ୍ଗୀରେ ସମାବେତ ହୋଇ ଭାଗବତ ଶ୍ରାବଣ କରୁଥିଲ। କୁହାଯାଏ ଭାଗବତ ପଢିବା ଓ ଶୁଣିବା ଏକ କଥା। ଯେଉଁ ବ୍ୟକ୍ତି ଏକାଗ୍ରତା ସହିତ ଭାଗବତ ଶୁଣେ ସେ ମଧ୍ୟ ଭଗବାନଙ୍କ ନିକଟତର ହୋଇପାରେ। ବାବା ବୈକୁଣ୍ଠନାଥ ବ୍ରହ୍ମଚାରୀ କହିଛନ୍ତି "ନୀତି ଭାଗବତ ପଢ। ସେ ଭାବରେ ମନ କର ତୁ ଦୃଢ଼ ମନ ବାଇରେ ଜିବ ଗତିମୁକ୍ତି ମାର୍ଗ ଲୋଡ଼ ମନବାଇରେ। ନପଢି ପାରିବୁ ଯେବେ ଶ୍ରୁତି ଡେରି ଶୁଣ ତୁ ଶ୍ରଦ୍ଧା ଭାବେ ମାନବାଇରେ । ଜାଣେ ବୋଲି ଗଣ ହେବୁ ଭାବେ ମନ ବାଇରେ ।" ଶୁକ ମୁନିଙ୍କଠାରୁ ଭଗବତ ଶ୍ରାବଣ କରି ରାଜା ପରୀକ୍ଷିତ ବ୍ରହ୍ମଶାପରୁ ମୁକ୍ତି ପାଇଥିଲେ ଓ ସ୍ୱଦେହରେ ଭଗବାନଙ୍କ ନିକଟକୁ ଯାଇପାରିଥିଲେ। ନାଇମିଶ୍ୟା ଅରଣ୍ୟରେ ସୂତ ମୁନି ଭାଗବତ କହୁଥିଲେ । ତାଙ୍କୁ ସୌନକ ଋଷି ସମେତ ଷାଠିଏ ହଜାର ମୁନି ଋଷି ଶ୍ରବଣ କରୁଥିଲେ । ଭାଗବତରେ ଉଲ୍ଲେଖ ଅଛି ଦୁନ୍ଧୁକାରୀ ଜାଣେ ପାପୀ ଥିଲେ । ତାଙ୍କର ମୃତ୍ୟୁ ପାରେ ତାଙ୍କ ଆତ୍ମା ମୋକ୍ଷ ନହେବାରୁ ତାଙ୍କ ଭାଇ ଗୋକର୍ଣ୍ଣ ଭାଗବତ ସପ୍ତାହ କରିଥିଲେ । ସାତ ଗଣ୍ଠି ବିଶିଷ୍ଟ ଏକ ବାଉଁଶ ପୋତିଥିଲେ ପ୍ରତିଦିନର ଭାଗବତ ଶେଷରେ ଗୋଟିଏ ଲେଖା ଗଣ୍ଠି ଫୁଟୁଥିଲା ଓ ଭାଗବତ ସପ୍ତାହ ଶେଷ ହେବା ସହିତ ବାଉଁଶର ସମସ୍ତ ଗଣ୍ଠି ଫୁଟି ସାରିଥିଲା । ଦୁନ୍ଧୁକାରୀ ଅତ୍ୟନ୍ତ ଶ୍ରଦ୍ଧା ଓ ବ୍ୟାକୁଳତାର ସହିତ ଏକନିଷ୍ଠ ଚିତ୍ତରେ ଭାଗବତ ଶ୍ରାବଣ କରିଥିବାରୁ ସେ ମୁକ୍ତି ପାଇଥିଲେ। ଶ୍ରଦ୍ଧା ଓ ଭକ୍ତିର ସହିତ ଏକନିଷ୍ଠ ଚିତ୍ତରେ ଯେ ଭାଗବତ ଓ ଭଗବାଦ ଗୀତା ଶ୍ରାବଣ କରନ୍ତି ସେ ମୁକ୍ତି ପାଇଯାଆନ୍ତି । ଭାଗବତ ଗୀତା ୧୮ ଅଧ୍ୟାୟ ୭୧ ନମ୍ବର ଶ୍ଳୋକରେ ଉଲ୍ଲେଖ ଅଛି ଯେ ଯେଉଁ ବ୍ୟକ୍ତି ପୂର୍ଣ୍ଣ ଶ୍ରଦ୍ଧା ଓ ବିଶ୍ୱାସ ସହକାରେ ଗୀତାକୁ ଶ୍ରାବଣ କରେ ସେ ପାପ କର୍ମର ପ୍ରତିକ୍ରିୟାରୁ ମୁକ୍ତି ହୋଇଯାଏ। ଭାଗବତ ହେଉଛନ୍ତି ମୁକ୍ତିର ଗ୍ରନ୍ଥ। ଯେଉଁ ବ୍ୟକ୍ତି ଭକ୍ତିର ସହିତ ଭାଗବତ ପଢେ ଓ ଶୁଣେ ସେ ବ୍ୟକ୍ତି ଏହି ସଂସାରର ତ୍ରିଟପରୁ ଉଦ୍ଧାର ପାଇଥାଏ । ଶେଷରେ ନିଜର ଯଦୁବଂଶକୁ ଧ୍ୱଂସକରି ସ୍ୱର୍ଗାରୋହଣ କରିଛନ୍ତି ଭାଗବତର ଚାରୋଟି ଅକ୍ଷରକୁ ତର୍ଜମା କରି ପଣ୍ଡିତ ଓ ଶାସ୍ତ୍ରବିତ୍‌ମାନେ କହନ୍ତି 'ଭା'ରେ ଭକ୍ତି, 'ଗ'ରେ ଜ୍ଞାନ, 'ବ'ରେ ବୈରାଗ, 'ତ'ରେ ତତ୍ତ୍ୱ । ବାସ୍ତବରେ ଭାଗବତରେ ଜ୍ଞାନ ଭକ୍ତି ବୈରାଗ୍ୟ ଓ ତତ୍ତ୍ୱ ରହିଅଛି। ଜଗନ୍ନାଥ ଦାଶ ସଂସ୍କୃତ ଭଗବତକୁ ଅନୁକରଣ କରିଛନ୍ତି ସତ୍ୟ; କିନ୍ତୁ ଓଡ଼ିଆ ଭାଗବତ ରଚନା କରିବା ସମୟରେ ନିଜର ସୃଜନଶୀଳତାର ପରିଚୟ ଦେଇଛନ୍ତି, ଯେଉଁଥି ପାଇଁ ଭାଗବତ ଓଡ଼ିଶାର ଘରେ ଘରେ ପହିଞ୍ଚି ପାରିଥିଲା । ଭଗବାନ ଶ୍ରୀକୃଷ୍ଣଙ୍କ ଜନ୍ମଠାରୁ ଜୀବନର ଶେଷ ପର୍ଯ୍ୟନ୍ତ ସମସ୍ତ ମାନବୀୟ ଲୀଳାକୁ ଜଗନ୍ନାଥ ଦାଶ ବାରୋଟି ସ୍କନ୍ଦରେ ସ୍ଥାନିତ କରିଛନ୍ତି । ଭଗବାନ ଦେବକୀଙ୍କ ଅଷ୍ଟମ ଗର୍ଭରେ କଂସ ବନ୍ଦିଶାଳାରେ ପ୍ରକଟ ହୋଇଥିଲେ । ତାଙ୍କ ନିର୍ଦ୍ଦେଶରେ ବସୁଦେବ ତାଙ୍କୁ ନେଇ ଗୋପ ନନ୍ଦରଜାଙ୍କ ଗୃହରେ ଛାଡ଼ିଦେଇ ଆସିଥିଲେ। ଭଗବାନ କୃଷ୍ଣ ଗୋପରେ ନିଜର ବାଲ୍ୟଲୀଳା ସମାପନ କରିବା ସମୟରେ ଅନେକ ଦୁଷ୍ଟ ରାକ୍ଷସକୁ ନିଧନ କରି ନିଜର ଅଲୌକିକ ପ୍ରତିଭାର ପରିଚୟ ଦେଇଥିଲେ । ଭଗବାନ ନିଜର କୈଶୋର ଅବସ୍ଥା ବୃନ୍ଦାବନରେ ଅତିବାହିତ କରି ଗୋପାଙ୍ଗନ ମାନଙ୍କ ସହିତ ମଧୁର ରାସଲୀଳାରେ ନିମଜ୍ଜିତ ଥିଲେ । ଗୋପାଙ୍ଗନାମାନେ ତ୍ରେତୟା ଯୁଗରେ ମୁନି ଋଷି ଥିଲେ । ସେମାନେ ଭଗବାନ ଶ୍ରୀରାମଚନ୍ଦ୍ରଙ୍କ ରୁପଲାବଣ୍ୟରେ ଆତ୍ମହରା ହୋଇ ତାଙ୍କ ସନ୍ନିଧ ଲାଭର ଆଶାପୋଷଣ କରିଥିଲେ। ଦ୍ୱାପର ଯୁଗରେ ପ୍ରଭୁ ଶ୍ରୀରାମଚନ୍ଦ୍ର କୃଷ୍ଣ ଅବତାରରେ ପ୍ରକଟ ହୋଇଥିଲେ ଓ ସେଦିନର ମୁନି ଋଷି ଗୋପାଙ୍ଗନ ଭାବେ ଜନ୍ମ ନେଇ ପ୍ରଭୁଙ୍କ ସାନ୍ନିଧ ଲାଭର ସୁଯୋଗ ପାଇଥିଲେ । ବାସ୍ତବରେ ସେ ପ୍ରେମ ଥିଲା ଅପ୍ରାକୃତ ଐଶ୍ୱରୀୟ ଓ ଐକାନ୍ତିଜ୍ଞ ଯେଉଁଥିରେ କାମନାର ଲେସମାତ୍ର ଗନ୍ଧ ନଥିଲ। ଭଗବାନ କୃଷ୍ଣ ବୃନ୍ଦାବନରେ କୈଶୋର ସମୟ କଟାଇବା ପରେ ମଥୁରା ଗମନ କରିଛନ୍ତି । ମଥୁରାରେ କଂସ ସମେତ ଅନେକ ଦୃଷ୍ଟ ଶକ୍ତିର ନିଧନ ପରେ ଦ୍ୱାରିକାରେ ନିଜର ସାମ୍ରାଜ୍ୟ ପ୍ରତିଷ୍ଠା କରିଛନ୍ତି । ଦ୍ୱାରିକା ରହଣି ସମୟରେ ଭଗବାନ ଅଷ୍ଟ ପାଟମହିଷୀ ବିବାହ କରିଛନ୍ତି ଅନେକ ରାକ୍ଷସ ଓ ଦୁଷ୍ଟ ଶକ୍ତିକୁ ବିନାଶ କରିଛନ୍ତି। ମହାଭାରତ ଯୁଦ୍ଧରେ ବିଜୟ ପରେ ଯୁଧିଷ୍ଠିରଙ୍କ ରାଜସୂୟ ଯଜ୍ଞରେ ସାମିଲ ହୋଇଛନ୍ତି। ମୋଟା ମୋଟି ଏହାହିଁ ହେଉଛି ଭାଗବତର ବିଷୟବସ୍ତୁ । ଜଗନ୍ନାଥ ଦାଶ ଶ୍ରୀମନ୍ଦିର ବଟ ଗଣେଶ ନିକଟରେ ବସି ଭଗବତ ରଚନା କରିବା ସମୟରେ ୧୫୧୦ ଖ୍ରୀଷ୍ଟାବ୍ଦର ଶ୍ରୀ ଚୈତ୍ୟନ୍ୟ ଦେବ ଯାହାଙ୍କୁ ଭଗବାନଙ୍କ ଅବତାର ବୋଲି କୁହାଯାଏ ପୁରୀକୁ ଆସିଥିଲେ ଓ ଜଗନ୍ନାଥ ଦାଶଙ୍କ ଭାଗବତ ରଚନାକୁ ପଢ଼ି ଆତ୍ମହରା ହୋଇପଡ଼ିଥିଲେ ଓ ଜଗନ୍ନାଥ ଦାଶଙ୍କୁ ଅତିବଡ଼ି ଉପାଧାରେ ଭୂଷିତ କରିଥିଲେ। ଜଗନ୍ନାଥଙ୍କ ପ୍ରେମରେ ଅନ୍ଧ ହୋଇ ଶ୍ରୀଚୈତନ୍ୟଦେବ ବଡଦାଣ୍ଡରେ ସଂକୀର୍ତ୍ତନ ମାଧମରେ ଭକ୍ତିର ଗଙ୍ଗା ବୁହାଇ ଦେଇଥିଲେ । ସେ ଭକ୍ତିର ପ୍ରଭାବ ଏତେ ପ୍ରଖର ଥିଲା ଯେ ତତ୍କାଳୀନ ଗଜପତି ରାଜା ପ୍ରତାପରୁଦ୍ର ଦେବ ନିଜ ରାଜପ୍ରସାଦ ଛାଡି ଚୈତନ୍ୟ ଦେବଙ୍କ ସହିତ ଖୋଳ କରତାଳ ଶବ୍ଦରେ ଉଦଣ୍ଡ ନୃତ୍ୟ କରିଥିଲେ । ଚୈତନ୍ୟ ଦେବ କହୁଥିଲେ କଳିଯୁଗର ଅଳ୍ପାୟୁଷ ମଣିଷ ଯୋଗ ତାପ ମାଧମରେ ବା ଜ୍ଞାନ ମାର୍ଗରେ ଭଗବାନଙ୍କୁ ପାଇବା ଦୂରହ ବ୍ୟାପାର। ତେଣୁ ଭକ୍ତି ଓ ପ୍ରେମ ମାଧମରେ ପାଇବା ସହଜ। ଭଗବାନଙ୍କ ନାମ ଅତ୍ୟନ୍ତ ନିଷ୍ଠା ଓ ଭକ୍ତିର ସହିତ ଜପ କଲେ ଭାଗବତ୍ ପ୍ରାପ୍ତି ହୋଇଥାଏ। ସେହି ସମୟରେ ଉତ୍କଳୀୟ ବୈଷ୍ଣବ ଓ ଗୌଡୀୟ ବୈଷ୍ଣବ ଭିତରେ ବିଭେଦ ଦେଖା ଦେଇଥିଲା । ଗୌଡୀୟ ବୈଷ୍ଣବମାନେ ଭଗବାନ କୃଷ୍ଣଚନ୍ଦ୍ରଙ୍କୁ ପୂର୍ଣ୍ଣ ବ୍ରହ୍ମ ଭାବରେ ପ୍ରଚାର ପ୍ରସାର କରୁଥିବା ବେଳେ ଉତ୍କଳୀୟ ବୈଷ୍ଣବମାନେ ଜଗନ୍ନାଥଙ୍କୁ ପୂର୍ଣ୍ଣ ବ୍ରହ୍ମ ଭାବରେ ପ୍ରଚାର ପ୍ରସାର କରୁଥିଲେ । ଏହି ବିବାଦୀୟ ଚିନ୍ତାଧାରାଠାରୁ ପାଞ୍ଚଶାଖା ଯୁଗୀୟ କବି ଏପରିକି ଜଗନ୍ନାଥ ଦାଶ ଦୂରରେ ଥିଲେ। ଦୀର୍ଘ ବର୍ଷ ଅତିବାହିତ ହେବା ପରେ ବିଜ୍ଞାନର ପ୍ରଚାର ପ୍ରସାର ଫଳରେ ଗ୍ରାମୀଣ ସଭ୍ୟତା ସହରୀ ସଭ୍ୟତାକୁ ରୂପାନ୍ତରିତ ହେବା ପରେ ଏହି ବ୍ୟସ୍ତ ବହୁଳ ମଣିଷଟି ଗୀତା ଭାଗବତ ପଢିବାକୁ ସମୟ ପାଉନଥିବା ବେଳେ ଭାଗବତ ଜନମାନସରୁ ହଜିଯାଇ ନାହିଁ । ଅନେକ ଗାଁରେ ଭାଗବତ ଟୁଙ୍ଗି ଲୋପ ପାଇଯାଇଛି ଓ ସନ୍ଧ୍ୟାରେ ନବାକ୍ଷରୀ ଓଡ଼ିଆ ଭାଗବତର ଆବୃତ୍ତି ଶୁଣିବାକୁ ମିଳୁନି, ହେଲେ ଭାଗବତ ଏବେବି ଓଡ଼ିଆ ଜାତିର ମାନସପଟ୍ଟରୁ ହଜି ଯାଇନାହିଁ । ଚିନ୍ତାମଣି ମହାନ୍ତି ଲେଖିଥିଲେ "ଓଡ଼ିଆ ଘରଣୀ ସଞ୍ଜ ଜଳାଏ ଯାର ଲେଖା ତଳେ ଆଜି ଏବେବି ଗାଁ ରୁ ଯାଇନାହିଁ ସେହି ଭାଗବତ ଗାଦି ଭାଜି ଭାଗବତ ଭଗବାନଙ୍କ ବାୟଂମୟ ରୂପ ତା'ର ଏକ ସାର୍ବଜନୀନ ଓ ସାର୍ବକଳୀକ ରୂପ ରହିଛି । ଦୀର୍ଘ ସାତଶହ ବର୍ଷ ପରେବି ଭାଗବତ ଓଡ଼ିଆ ଜନମାନସରୁ ହଜି ଯାଇନାହିଁ । ଆଜି ଅନେକ ଧାର୍ମିକ ଓ ସାମାଜିକ ଅନୁଷ୍ଠାନ ଭଗବତ ଗୀତା ପ୍ରଚାର ପ୍ରସାର ପାଇଁ ଓ କିଭଳି ଭାରତୀୟ ସନାତନ ସଂସ୍କୃତି ବଞ୍ଚି ରହିବ ଓ ତା'ର ଆଦର୍ଶ ଓ ମହନୀୟତା ଲୋକଙ୍କ ପାଖରେ ପହଞ୍ଚବ ତା'ର ଚେଷ୍ଟା ଜାରି ରଖିଛନ୍ତି ଓ ସରକାରଙ୍କ ଉପରେ ଚାପ ପ୍ରୟୋଗ କରୁଛନ୍ତି । ଭାଗବତ ଟୁଙ୍ଗିର ପୁନଃରୁଦ୍ଧାର ପାଇଁ ବର୍ତ୍ତମାନର ସରକାର ମଧ୍ୟ ପ୍ରୟାସ ଆରମ୍ଭ କରିଛନ୍ତି । ଭାଗବତର ସାର୍ବଜନୀନ ରୂପ ଜଗନ୍ନାଥ ଦାଶଙ୍କୁ ସବୁ ସମୟରେ ମନେ ପକାଉଥିବ। ସାଧାରଣରେ ବିଶ୍ୱାସ ଅଛିଯେ ଯଦି ଜଣେ ବୃକ୍ତି ମୃତ୍ୟୁ ସମୟରେ ଭାଗବତ କିମ୍ବା ଗୀତା ଶ୍ରବଣ କରି ଶେଷ ନିଃଶ୍ୱାସ ତ୍ୟାଗକରେ ସେ ଭଗବାନଙ୍କ ନିକଟତର ହୋଇଯାଏ । ସେଥିପାଇଁ ମୃତ୍ୟୁଶର୍ଯ୍ୟା ନିକଟରେ ଭାଗବତ କିମ୍ବା ଭଗବଦ୍ ଗୀତା ପାରାୟଣ କରାଯାଏ । ଶ୍ରୀମଦ୍‌ଭାଗବତ ଏକ ଦିବ୍ୟ ବିଜ୍ଞାନ ଅଟେ । ଯେଉଁ ଗ୍ରନ୍ଥରେ ଭଗବାନଙ୍କର ନାମ, ଗୁଣ, ଯଶ, ରୂପ ଓ ମଧୁର ଲୀଳା ବର୍ଣ୍ଣିତ ହୋଇଛି, ତାହା ଏକ ଦିବ୍ୟ ରଚନା ଅଟେ । ଏହା ବିପଥଗାମୀ ଓ ଅଧର୍ମଗ୍ରସ୍ତ ଲୋକମାନଙ୍କ ମନରେ ଏକ ବିପ୍ଳବ ସୃଷ୍ଟି କରିପାରିବ।

ଅବସରପ୍ରାପ୍ତ ପୋଲିସ୍ ଅଫିସର
ମୋ : ୮୨୪୯୨୮୧୫୬୭

# ବିପର୍ଯ୍ୟସ୍ତ ଅର୍ଥନୀତି ଦେଶ ପାଇଁ ଶୁଭଙ୍କରୀ ନୁହଁ


ଉମାଶଙ୍କର ପ୍ରସାଦ

ଦିନକୁ ଦିନ ଆମ ଦେଶର ଅର୍ଥନୀତୀ ବିପର୍ଯ୍ୟୟ ହେବାରେ ଲାଗିଛି ଯାହା ଦେଶ ପାଇଁ ଶୁଭଙ୍କରୀ ନୁହଁ। ଚଳିତ ବର୍ଷ ୨୦୨୨-୨୦୨୩ ଶେଷବେଳକୁ ଭାରତର ସାମଗ୍ରିକ ଅଭିବୃଦ୍ଧି ହାର ୬.୫% ପାଖାପାଖି ରହିବ ବୋଲି ଅର୍ଥଶାସ୍ତ୍ରୀମାନେ ଆକଳନ କରିଛନ୍ତି। ଏଥିସହିତ ଦେଶରେ ଲାଗି ରହିଥିବା ଦରବୃଦ୍ଧି ସରକାରଙ୍କ ଆୟତ ବାହାରକୁ ଚାଲିଯାଇଛି। ଟଙ୍କାର ମୂଲ୍ୟ କ୍ଷିପ୍ର ଭାବରେ ତଳକୁ ଖସି ଅନ୍ତର୍ଜାତୀୟ ବଜାରରେ ଗୋଟିଏ ଆମେରିକୀୟ ଡଲାର ପ୍ରତି ୮୩ ଟଙ୍କାରେ ପହଂଚିଲାଣି। ଏହା ଅଳ୍ପ କିଛି ମାସ ମଧ୍ୟରେ ୮୫ ଟଙ୍କାରେ ପହଞ୍ଚିବାର ଆକଳନ ଅର୍ଥନିତିଜ୍ଞ ମାନେ କରୁଛନ୍ତି। ଭରତର ସଂରକ୍ଷିତ ମୁଦ୍ରାଭଣ୍ଡାର ଦିନକୁ ଦିନ କ୍ଷୟ ହେବାରେ ଲାଗିଛି। ଯଦି କୌଣସି କାରଣରୁ ଭାରତ ସୀମାନ୍ତ ବିଦ୍ରୋହ ବା ପଡୋଶୀ ଦେଶ ସହ ଯୁଦ୍ଧରେ ଲିପ୍ତ ହୋଇଗଲା ତେବେ ଦେଶର ଅର୍ଥନୀତି ଧରାଶାୟୀ ହେବା ସୁନିଶ୍ଚିତ। ବର୍ତ୍ତମାନ ସମୟରେ ଯେଉଁ ବିପର୍ଯ୍ୟୟ ଦେଖାଦେଇଛି ତାର କାରଣ ତଥା ତାର ନିରାକରଣର ବାଟ ନଖୋଜି ସରକାର ନିଜ ପିଠି ନିଜେ ଆପୁଡେଇ ବାଃ ବାଃ ସାଉଂଟିବାରେ ଲାଗିଛନ୍ତି। ନିର୍ବାଚନ ଯେତିକି ନିକଟତର ହେବାରେ ଲାଗିଛି ସରକାରଙ୍କ ପ୍ରଶଂସା ସାଉଁଟିବା ସେତିକି ପ୍ରଶସ୍ଥ ହେବାରେ ଲାଗିଛି। ଏହାର ପରିଣାମ ପାଇଁ ଦାୟୀ ସରକାରଙ୍କ ର ଅର୍ଥମନ୍ତ୍ରୀ ସୀତାରମଣ, ନିୟନ୍ତ୍ରଣ ହରାଇଥିବା ରିଜର୍ଭ ବ୍ୟାଙ୍କର କର୍ମକର୍ତ୍ତା, ସରକାରଙ୍କର ଅର୍ଥମନ୍ତ୍ରଣାଳୟ ଗୋଟିକ ପରେ ଗୋଟିଏ ବିବୃତ୍ତି ରଖି ଚାଲିଛନ୍ତି, 'ଦେଶରେ ଟଙ୍କା ମୂଲ୍ୟ ହ୍ରାସ ନୁହେଁ ଆନ୍ତର୍ଜାତିୟ ମୁଦ୍ରା ଡଲାର ଶକ୍ତ ହେବାରେ ଲାଗିଛି। ବିମୁଦ୍ରାୟନ ହେତୁ ଦେଶରେ ଟିକସ ସଂଗ୍ରହ ବୃଦ୍ଧି ଘଟିଛି। ବିଶ୍ୱ ଆର୍ଥିକ ବ୍ୟବସ୍ଥା ଖରାପର ପ୍ରଭାବ ଭାରତ ଉପରେ ପଡିଛି।' ଅନ୍ୟଦେଶ ତୁଳନାରେ ଭାରତର ଅଗ୍ରଗତି ହାର ବଢିଛି। ବିଶ୍ୱ ଅର୍ଥନୀତିରେ ଅଭିବୃଦ୍ଧିହାର ୨.୩୫% ରହିବ ବୋଲି କଳନା କରାଯାଉଥରଲା ବେଳେ ଭାରତର ଅଭିବୃଦ୍ଧି ହାର ୬.୫% ରହିବାର ଆକଳନ କରାଯାଇଛି। ଅର୍ଥାତ ଶ୍ରେଣୀରେ ଫେଲ ହେଲେବି ପିଲା ପ୍ରଥମ ହେବାର ଆସ୍ଫାଳନ ଦେଖାଉଛନ୍ତି। ସ୍ଥିତର ବିଶ୍ଳେଷଣ ନକରି ଯାହା ସବୁ କୁହା ଯାଉଛି ସେ ସବୁ ଯେତିକି ଅବାସ୍ତବ ସେତିକି ହାସ୍ୟାସ୍ପଦ । ଭାରତର ଅର୍ଥନୀତି ଭୁଷୁଡିବାରେ ଲାଗିଛି। ନିରନ୍ତର ମୁଦ୍ରାସ୍ଫୀତି ଓ ବଜାର ଦର ବୃଦ୍ଧି ପାଇ ଅଣାୟତ ହେବାରେ ଲାଗିଛି। ଭାରତ ରିଜର୍ଭବ୍ୟାଙ୍କ ଏହା ବିରୁଦ୍ଧରେ ଲଗାତାର ଲଢେଇ ଚାଲୁ ରଖିଥିବା ସହିତ ବଜାରକୁ ଅର୍ଥ ଛାଡିବା ବନ୍ଦ କରି ଚାଲିଛି। ତଥାପି ଦେଶରେ ଖୁଚୁରା ଖୁଚୁରା ମୁଦ୍ରାସ୍ଫିତି ହାର ନିର୍ଦ୍ଧାରିତ ଲକ୍ଷ ୬% ରୁ ଅଧିକ ୭.୪% ରହିଥିବା ଦେଖାଯାଉଛି। ଦେଶରେ ଟଙ୍କାର ମୂଲ୍ୟ ଦୃତଗତିରେ ହ୍ରାସ ପାଉଛି। ଅନ୍ତର୍ଜାତୀୟ ମୁଦ୍ରା ବଜାରରେ ଡଲାର ପିଛା ୮୩ ଟଙ୍କାରେ ପହଞ୍ଚି ସାରିଲାଣି ଏଭଳି ସମୟରେ ଆମ କେନ୍ଦ୍ରମନ୍ତ୍ରୀ ସୀତାରମଣ ଦେଇଛନ୍ତି, " ଟଙ୍କା ଦୁର୍ବଳ ନୁହେଁ , ଡଲାର ସବଳ ହୋଇଛି"। ଏହା ବାସ୍ତବିକ ଭାବରେ ସତ୍ୟ ଯେ ଭାରତୀୟ ମୁଦ୍ରା ଟଙ୍କାର ମୂଲ୍ୟ କମିଛି। ବିଶ୍ୱ ବଜାରରେ ୧୯୭୧ ମସିହାରୁ ଡଲାରର ଅପ୍ରତିଦ୍ୱନ୍ଦୀ ରାଜୁତି ଥିଲେ ମଧ୍ୟ ସବୁ ଦେଶ ତଥା ଜାପାନର ୟେନ, ସ୍ୱିଡେନ୍‌ର ଶ୍ରୋନା, ଚୀନର ୟୁଆନ, ବ୍ରିଟେନର ପାଉଣ୍ଡ ପ୍ରଭୃତିର ଡଲାର ବିନିମୟ ହାର ଯଥେଷ୍ଟ ବୃଦ୍ଧି ପାଇଥିବା ବେଳେ ଭାରତର ଏହି ହ୍ରାସ ସର୍ବକାଳୀନ ନିମ୍ନ ସ୍ତରରେ ପହଂଚିବା ସହ ଇତିହାସ ସୃଷ୍ଟି କରିଛି। ଭାରତକୁ ଏଥିପାଇଁ ଅଧ୍ୟାବଧି ୯୭୩୦ କୋଟି ଡଲାର ଅଧିକ ବ୍ୟୟ କରିବାକୁ ହେଲାଣି। ପ୍ରଧାନମନ୍ତ୍ରୀ ମନମୋହନ ସିଂହ ଙ୍କ ପ୍ରଧାନମନ୍ତ୍ରୀତ୍ୱ କାଳରେ ୩୭୦୦ କୋଟି ଡଲାର ବିନିମୟ କରିବାକୁ ପଡିଥିଲା ଏବେ ତାର ୩ ଗୁଣା ଅଧିକ ଡଲାର ବାହାରକୁ ଚାଲିଯାଇଛି। ଗଚ୍ଛିତ ବିଦେଶୀ ମୁଦ୍ରାର କ୍ଷୀପ୍ରକ୍ଷତି ଯୋଗୁ ଅନ୍ତର୍ଜାତୀୟ ବଜାରରେ ସଙ୍କଟ ଦେଖା ଦେବାର ଆଶଙ୍କା ବଢିବାରେ ଲାଗିଛି। ମୁଦ୍ରାର ଅବକ୍ଷୟଭାରତର ଆଭ୍ୟନ୍ତରୀଣ ବଜାରରେ ମଧ୍ୟ ଘଟିବାରେ ଲାଗିଛି। ଭାରତୀୟ ମୁଦ୍ରାର ଅଳ୍ପମୂଲ୍ୟ ମଧ୍ୟ ହ୍ରାସ ପାଇଛି। ଏହାର ମୁଖ୍ୟ କାରଣ ଉତ୍ପାଦନ ହାର ଅପେକ୍ଷା ବଜାରରେ ମୁଦ୍ରା ସଂଚାଳନ ମାତ୍ରା ଅଧିକ ହେବା ସଂଗେ ସଂଗେ ବିଦେଶ ମୁଦ୍ରାର ଅଧିକ ବିନିଯୋଗ ହେଉଛି। ଏହାର କୁପରିଣାମ ଅତ୍ୟନ୍ତ ଭୟଙ୍କର ହେବ ବୋଲି କେନ୍ଦ୍ର ସରକାରଙ୍କର କ୍ୟାବିନେଟ ମନ୍ତ୍ରୀ ପୀୟୁଷ ଗୋୟେଲଙ୍କ ଉକ୍ତିରୁ ଜଣାପଡେ। ତାଙ୍କ ମତରେ ଟଙ୍କା ମୂଲ୍ୟର ଅବକ୍ଷୟ ଭାରତର ଭବିଷ୍ୟତ ଅର୍ଥନୀତି ପ୍ରତି ବିପଦ ସୃଷ୍ଟି କରୁଛି। ଭାରତ ବାହାରୁ ଆମଦାନୀ କରୁଥିବା ପଣ୍ୟଦର ବୃଦ୍ଧି ସହିତ ବଜାରକୁ ଛାଡୁଥିବା ପଦାର୍ଥର ଦର ବୃଦ୍ଧି ଘଟିବ। ଆମ ଅର୍ଥମନ୍ତ୍ରୀ ଏହା ଭଲଭାବେ ଯାଣନ୍ତି ଯେ ଭାରତ ଅନ୍ତତଃ ୬୦୦୦ ରୁ ଉର୍ଦ୍ଧ୍ୱ ଦ୍ରବ୍ୟ ବାହାରୁ ଆମଦାନି କରିଥାଏ। ଆମଦାନୀ ଓ ରପ୍ତାନୀ ଦିଗକୁ ଦେଖିଲେ ୨୦୧୭ ଠୁ ୨୦୨୧ ସୁଦ୍ଧା ରପ୍ତାନୀ ଯଥାକ୍ରମେ ୨୭୫୮୦ କୋଟି ଡଲାର, ୩୦୨୫୨ କୋଟିଡଲାର, ୩୩୦୦୭ କୋଟି ଡଲାର, ଓ ୩୧୪୩୦ କୋଟି ଡଲାର ଥିବାବେଳେ ସେହି ସମୟରେ ପ୍ରଥମ ଆଠ ମାସରେ ରପ୍ତାନି ୩୧୨୩୧ କୋଟି ଡଲାର ହୋଇଥିବାବେଳେ ଆମଦାନୀ୪୦୪୦୦ କୋଟି ଡଲାର ଥିଲା। ଗଛିତ ସୁନା ସହିତ ସମଗ୍ର ବୈଦେଶିକ ମୁଦ୍ରା କ୍ଷେତ୍ରରେ ଭାରତ ବିଶ୍ୱରେ ଏବେ ବି ଚତୁର୍ଥ ସ୍ଥାନରେ ଅଛି। ଏହି ଗଚ୍ଛିତ ବିଦେଶୀ ମୁଦ୍ରାର ମୂଲ୍ୟ ୨୦୨୨ ଅକ୍ଟୋବର ୭ ସୁଦ୍ଧା ମୋଟା ମୋଟି ୫୩୨୮୩.୮ କୋଟି ଡଲାର ଥିଲା ଯାହାକି ମନମୋହନ ସିଂହ ଙ୍କ ମୁକ୍ତ ଅର୍ଥନୀତି ହେତୁ କ୍ରମେ କ୍ରମେ ବୃଦ୍ଧି ପାଇ ଏପରି ଏକ ସ୍ଥିତିରେ ପହଂଚି ଥିଲା।ଦେଶରେ ବିଶ୍ୱବିଖ୍ୟାତ ଅର୍ଥଶାସ୍ତ୍ରୀଙ୍କର ଅଭାବ ନାହିଁ। ଅର୍ଥମନ୍ତ୍ରୀ ସେମାନଙ୍କର ପରାମର୍ଶ ନେବାର ସମୟ ଆସିଛି। ତା ନହେଲେ ଦେଶର ଅର୍ଥନୀତିର ସୁଧାର ପାଇଁ ସଠିକ୍ ପଥଟିଏ ନିର୍ଣ୍ଣୟ କରିବା ତାଙ୍କ ପାଇଁ କଷ୍ଟକର ହେବ। ଗୋଟିଏ କଥା ସ୍ପଷ୍ଟ ହେବା ଦରକାର ଯେ କରୋନା ପୂର୍ବରୁ ଯେଉଁସବୁ ବିସ୍କୁଟ କମ୍ପାନୀ ବନ୍ଦ ହୋଇଯିବାର ଆଶଙ୍କା ଦେଖା ଯାଇଥିଲା ତାହାସବୁ ଦ୍ୱିଗୁଣିତ ଆୟକାରି ହେଲା। କରୋନା କାଳରେ ଅନେକ ଧନପତି କୁବେରଙ୍କର ଆର୍ଥିକ ବିକାଶ କ୍ଷୀପ୍ର ହେଲା। ମଧ୍ୟମ ଓ ନିମ୍ନ ଆୟକାରୀ ଧନପତି ମାନେ ପ୍ରତିଯୋଗିତାରେ ପଛରେ ପଡିଯାଇ ଥିଲେ ମଧ୍ୟ ବିତ୍ତଶାଳୀ, ଅତି ବିତ୍ତଶାଳୀମାନେ ବୀମା କ୍ଷେତ୍ରରେ ବଡ ବିନିଯୋଗ କଲେ ଓ ସେଥିରୁ ସରକାରଙ୍କୁ ଅନେକ ଭାବରେ ଆୟ ମିଳିଲା। ରିଜର୍ଭ ବ୍ୟାଙ୍କ ମୁଦ୍ରାସ୍ଫୀତି କମିଟି ସଦସ୍ୟ ଅସୀମା ଗୋୟେଲ ବୋଧହୁଏ ନିଜର ପ୍ରସ୍ତୁତ କରିଥିବା ହିସାବରେ ଗତ ତିନିବର୍ଷରେ ଗଚ୍ଛିତ କଳାଟଙ୍କାର ପରିମାଣ ଯଥେଷ୍ଟ ବଢିଥିବା କୁ ନେଇ ନାହାଁନ୍ତି। ସୁଇସ୍ ବ୍ୟାଙ୍କରେ ଗଚ୍ଛିତ ଧନରାଶି ଗତ ୫ ବର୍ଷ ମଧ୍ୟରେ ଦୁଇ ଗୁଣରୁ ଅଧିକ ହୋଇଛି।

(ସମ୍ପାଦକ, ମାର୍ଗଦର୍ଶୀ) ଖୋର୍ଦ୍ଧା,
୭୩୭୦୬୭୫୫୬୨

# 'ଗୀତାଶାସ୍ତ୍ର ମିଦଂ ପୁଣ୍ୟଂ....'


ଶ୍ରୀମତୀ ଲକ୍ଷ୍ମୀ ପଟ୍ଟନାୟକ

ଶ୍ରୀମଦ୍ ଗୀତାର ବିଷୟ ବିଭିନ୍ନ ଯୋଗଃ ଭାବରେ ବର୍ଣ୍ଣିତ ହୋଇଛି। ସେଗୁଡ଼ିକ ହେଉଛି ଅର୍ଜୁନ ବିଷାଦ ଯୋଗଃ, ସାଂଖ୍ୟ ଯୋଗଃ, କର୍ମ ଯୋଗଃ, ଜ୍ଞାନ ଯୋଗଃ, କର୍ମ ସନ୍ନ୍ୟାସ ଯୋଗଃ, ଧ୍ୟାନ ଯୋଗଃ, ଜ୍ଞାନ ବିଜ୍ଞାନ ଯୋଗଃ, ତାରକ ବା ଅକ୍ଷର ବ୍ରହ୍ମଯୋଗଃ, ରାଜବିଦ୍ୟା ରାଜଗୁହ୍ୟ ଯୋଗଃ, ବିଭୂତି ଯୋଗଃ, ବିଶ୍ୱରୂପ ଦର୍ଶନ ଯୋଗଃ, ଭକ୍ତି ଯୋଗଃ, କ୍ଷେତ୍ରକ୍ଷେତ୍ରଜ୍ଞ ବିଭାଗ ଯୋଗଃ, ଗୁଣତ୍ରୟ ବିଭାଗ ଯୋଗଃ, ପୁରୁଷୋତ୍ତମ ଯୋଗଃ, ଦୈବାସୁର ସଂପଦ୍ ବିଭାଗ ଯୋଗଃ, ଶ୍ରଦ୍ଧାତ୍ରୟ ବିଭାଗ ଯୋଗଃ, ମୋକ୍ଷ ସନ୍ନ୍ୟାସୀ ଯୋଗଃ । ଓଡ଼ିଆ ଜନଜୀବନର ଏହି ଲୋକପ୍ରିୟ ଆଧ୍ୟାତ୍ମିକ ମାର୍ଗଦର୍ଶକ ପୁସ୍ତକଟିର ପ୍ରଥମ ଅଧ୍ୟାୟରେ ଅର୍ଜୁନ ବିଷାଦଯୋଗଃରୁ ଆରମ୍ଭ ହୋଇଛି । ଧୃତରାଷ୍ଟ୍ର ଉବାଚ ଭାବରେ- 'ଧର୍ମକ୍ଷେତ୍ରେ କୁରୁକ୍ଷେତ୍ରେ ସମବେତା ଯୁଯୁତ୍ସବଃ । ମାମକାଃ ପାଣ୍ଡବାଶ୍ଚୈବ କିମକୁର୍ବତ ସଞ୍ଜୟ ।।' ଅର୍ଥ ଧୃତରାଷ୍ଟ୍ର ଯୁଦ୍ଧକ୍ଷେତ୍ରର ତମାମ ବିବରଣୀ ଶୁଣୁଥିବା ସଞ୍ଜୟଙ୍କୁ ପଚାରିଥିଲେ ଯେ, ଧର୍ମଭୂମି କୁରୁକ୍ଷେତ୍ରରେ ଯୁଦ୍ଧ ଅବ୍ୟସମ୍ଭାବି ହୋଇଥିବା ବେଳେ ଆମ ପୁଅ ଓ ପାଣ୍ଡୁପୁତ୍ର ମାନେ ସମବେତ ହୋଇ କ'ଣ କରୁଛନ୍ତି । ଶ୍ରୀମଦ୍ ଭଗବତ ଗୀତାର ମାହାତ୍ମ୍ୟର ସଂକ୍ଷିପ୍ତ ଲେଖନୀ ହେଉଛି - 'ଗୀତାଶାସ୍ତ୍ର ମିଦଂ ପୁଣ୍ୟଂ ଯଃ ପଠେତ୍ ପ୍ରୟତଃ ପୁମାନ୍ । ବିଷ୍ଣୋଃପଦ ମବାପ୍ନୋତି ଭୟ ଶୋକାଦି ବର୍ଜିତଃ ।। ଗୀତା ଧ୍ୟୟନଶୀଳସ୍ୟ ପ୍ରାଣାୟାମପରସ୍ୟଚ । ନୈବ ସନ୍ତି ହି ପାପାନି ପୂର୍ବଜନ୍ମକୃତାନି ଚ ।। ମଳ ନିର୍ମୋଚନଂ ପୁଂସାଂ ଜଳସ୍ନାନଂ ଦିନେ ଦିନେ । ସକୃଦ୍‌ଗୀତ ମ୍ଭସି ସ୍ନାନଂ ସଂସାରମଳ ନାଶନଂ ।।' ଯାହାର ଓଡ଼ିଆ ଭାବାର୍ଥ ହେଉଛି ପ୍ରତ୍ୟହ ଏହି ପବିତ୍ର ଗୀତାକୁ ଯେ ପାଠ କରନ୍ତି ସେ ସମସ୍ତ ସାଂସାରିକ ଭୟ ଓ ଦୁଃଖ ତଥା ଶୋକରୁ ମୁକ୍ତ ହୋଇ ବିଷ୍ଣୁପଦ ବା ଭଗବାନଙ୍କର ପାଦପଦ୍ମରେ ଲୀନ ହୋଇଥାନ୍ତି । ଏହାସହ ପୂର୍ବ ଜନ୍ମର ସମସ୍ତ ପାପରାଶି ଏହି ପଠନ ଦ୍ୱାରା ଧ୍ୱଂସ ହୋଇଯାଇଥାଏ । ଗୀତା ପରି ଆଧ୍ୟାତ୍ମିକ ଚେତନାକୁ ସ୍ୱଚ୍ଛ କରୁଥିବା ମହାନ୍ ଶାସ୍ତ୍ର ପାଠ ଦ୍ୱାରା ଏହାର ଶ୍ରଦ୍ଧାଳୁମାନେ ଅମୃତ୍ୱଲାଭ କରିବେ । ଭଗବାନ ଶ୍ରୀକୃଷ୍ଣ କହିଛନ୍ତି - 'ପ୍ରାରବ୍ଧଂ ଭୁଞ୍ଜମାନୋହି ଗୀତାଭ୍ୟାସରତଃ ସଦା । ସମୁକ୍ତଃ ସ ସୁଖୀ ଲୋକେ କର୍ମଣା ନୋପଲିପ୍ୟତେ ।।' ଭଗବାନ ପଦ୍ମନାଭ ବା ଶ୍ରୀବିଷ୍ଣୁଙ୍କ ମୁଖ ପଦ୍ମରୁ ନିଃସୃତ ଗୀତା ପାଠଦ୍ୱାରା ପୁର୍ନଜନ୍ମ ଆଉ ସମ୍ଭବ ହୋଇ ନଥାଏ । ଶ୍ରୀମଦ୍ ଭାଗବତ ଗୀତାରେ ବର୍ଣ୍ଣିତ - 'ଭାରତାମୃତସର୍ବସ୍ୱଂ ବିଷ୍ଣୋର୍ବକ୍ତ୍ରା ଦ୍ୱିନିଃସୃତମ୍ । ଗୀତା ଗଙ୍ଗୋଦକଂ- ପୀତ୍ୱା ପୁନର୍ଜନ୍ମ ନ ବିଦ୍ୟତେ ।।' ଗୀତାର ବର୍ଣ୍ଣନା ଅନୁଯାୟୀ ଯେଉଁ ସ୍ଥାନରେ ଶ୍ରୀବିଷ୍ଣୁଙ୍କ ମୁଖ ନିର୍ଗତ ଶ୍ରୀମଦ୍ ଗୀତା ପାଠ କରାଯାଏ ସେଠାରେ ପ୍ରୟାଗ ପରି ସମସ୍ତ ତୀର୍ଥ ସ୍ୱୟଂ ବିଦ୍ୟମାନ ହୋଇଥାନ୍ତି ଯାହାଦ୍ୱାରା ଗୀତା ରସ ପାନ କରୁଥିବା ଶ୍ରଦ୍ଧାଳୁମାନେ ତୀର୍ଥଫଳ ଲାଭ କରିଥାନ୍ତି । ଯାହା ଶ୍ରୀମଦ୍ ଗୀତାରେ ବର୍ଣ୍ଣିତ ହୋଇଛି - 'ଗୀତାୟାଃ ପୁସ୍ତକଂ ଯତ୍ର ଯତ୍ର ପାଠଃ ପ୍ରବର୍ତ୍ତତେ । ତତ୍ର ସର୍ବାଣି ତୀର୍ଥାନୀ ପ୍ରୟାଗାଦୀନି ତତ୍ର ବୈ ।।' ସଚ୍ଚିଦାନନ୍ଦ ଶ୍ରୀକୃଷ୍ଣ ମୁଖ ନିର୍ଗତ ଗୀତା ଦୈନିକ ପାଠ କଲେ ତାହା ଦିବ୍ୟଜ୍ଞାନ ଓ ସିଦ୍ଧି ଲାଭର ମାର୍ଗ ଦେଖାଇଥାଏ । ଯଦିବା କେହି ପ୍ରତ୍ୟେହ ସଂପୂର୍ଣ୍ଣ ଗୀତା ପାଠ ନକରି ଅଧାଭାଗ ପାଠ କରନ୍ତି ତେବେ ସେମାନେ ଗୋଦାନ ପରି ଅନ୍ୟତମ ଶ୍ରେଷ୍ଠଦାନର ପୁଣ୍ୟଫଳ ଲାଭ କରିଥାନ୍ତି । କିନ୍ତୁ ଯେ ପ୍ରତ୍ୟହ ଅତ୍ୟନ୍ତ ଏକାଗ୍ରତାର ସହିତ ହୃଦୟ ଭିତରେ ବିଷ୍ଣୁଙ୍କ ନାମ ସ୍ମରଣ ସହକାରେ ଏକ ଅଧ୍ୟାୟ ଗୀତା ପାଠ କରେ ସେ ରୁଦ୍ରଲୋକ ପ୍ରାପ୍ତ ହୋଇ ଶିବଲୋକରେ ବାସ କରିଥାଏ । ଶ୍ରୀମଦ୍ ଗୀତାର ସେହି ବିଲକ୍ଷଣ ପଂକ୍ତି ହେଉଛି - 'ଯୋଽଷ୍ଟାଦଶ ଜପୋ ନିତ୍ୟଂ ନରୋ ନିଶ୍ଚଳମାନସଃ । ଜ୍ଞାନସିଦ୍ଧିଂ ସ ଲଭତେ ତତୋ ଯାତି ପରଂପଦମ୍ ।। ପାଠେଽସମର୍ଥ ସମ୍ପୂର୍ଣ୍ଣେ ତତୋଽର୍ଦ୍ଧଂ ପାଠମାଚରେତ୍ । ତଦା ଗୋଦାନଜଂ ପୁଣ୍ୟଂ ଲଭତେ ନାତ୍ର ସଂଶୟଃ ।। ଅଧ୍ୟାୟଂ ଶ୍ଳୋକପାଦଂ ବା ନିତ୍ୟଂ ଯଃ ପଠତେ ନରଃ । ସ ଯାତି ନର ତାଂ ଯାବନ୍ମନ୍ୱନ୍ତରଂ ବସୁନ୍ଧରେ ।।' ଭାରତୀୟ ଆଧ୍ୟାତ୍ମିକ ଅନୁଚିନ୍ତନରେ ଶ୍ରୀମଦ୍ ଗୀତାର ସ୍ଥାନ ସ୍ୱତନ୍ତ୍ର । ଆଜି ବି ନିପଟ ମଫସଲ ଗ୍ରାମର ଭାଗବତ ଗାଦି ଘର ହେଉ ବା ଠାକୁରଙ୍କ ମଣ୍ଡପ । ସଂଧ୍ୟା ବେଳେ ଦିନ ତମାମର ନିଜ ନିଜ କାମଦାମ ସାରି ଅବସର ସମୟ ଭଗବତ୍ ଚିନ୍ତନରେ ବିତାଉଥିବା ଲୋକମାନେ ଗୀତା ପାଠ କରନ୍ତି ବା ଗୀତା ଶ୍ରବଣ କରନ୍ତି । ବିଶ୍ୱାସ ରହିଛି ଯେ, ଗୀତାର ଭାବଗତ ଅର୍ଥକୁ ଜଣେ ନ ବୁଝିଲେ ବି ଯଦି ଗୀତାଟି ପଠନ କରେ ବା ଶ୍ରବଣ କରେ ତାହାର ଆଧ୍ୟାତ୍ମିକ ଶକ୍ତି ଯଥେଷ୍ଟ । ଆଜିପରି କର୍ମବ୍ୟସ୍ତ ଓ ସଂସାରରେ ମାନବୀୟ ମୂଲ୍ୟବୋଧ ଅପଶ୍ରୟମାଣ ସମୟରେ ଶ୍ରୀମଦ୍ ଗୀତା ପାଠ ନିଶ୍ଚିନ୍ତ ଭାବରେ ଆମ ସମସ୍ତଙ୍କର ବିଭିନ୍ନ ଜିଜ୍ଞାସାର ଯଥାର୍ଥ ଅମୂଲ୍ୟ ଦାନ । ଆଜି ପବିତ୍ର ଗୀତା ଜୟନ୍ତୀରେ ଆସନ୍ତୁ ସମସ୍ତେ ପରମପ୍ରେମମୟ ଶ୍ରୀକୃଷ୍ଣଙ୍କ ଦିବ୍ୟ ନାମସ୍ମରଣ କରି ସମାଜରେ ଆଧ୍ୟାତ୍ମିକତାର ମହକକୁ ପରିବ୍ୟାପ୍ତ କରିବା ପାଇଁ ଦିବ୍ୟ ପଥ ପାଇଁ ନିଜକୁ ପ୍ରସ୍ତୁତ କରିବା ।

ଶିକ୍ଷୟିତ୍ରୀ, ଖଇରମାଳ, ଉପ୍ରା ବିଦ୍ୟାଳୟ,
କୁରମେଲ ଗ୍ରାମପଞ୍ଚାୟତ, ନର୍ଲା, କଳାହାଣ୍ଡି




# ଜଗତ୍‌ସିଂହପୁର ହାଜତ ମୃତ୍ୟୁ ମାମଲାରେ ଏସ୍.ପି., ଥାନା ଅଧିକାରୀଙ୍କ ବରଖାସ୍ତ ଦାବିରେ ଡିଜିଙ୍କୁ ସ୍ମାରକପତ୍ର ପ୍ରଦାନ କଲା ଛାତ୍ର କଂଗ୍ରେସ

ଭୁବନେଶ୍ୱର (ପିଏନ୍): ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ସଭାପତି ୟାସିର ନୱାଜଙ୍କ ନେତୃତ୍ୱରେ ଛାତ୍ର କଂଗ୍ରେସ କର୍ମୀମାନେ ଜଗତ୍‌ସିଂହପୁର ହାଜତ ମୃତ୍ୟୁ ମାମଲାରେ ସମ୍ପୃକ୍ତ ଏସ୍.ପି. ଓ ଅଭୟଚାନ୍ଦପୁର ଥାନା ଅଧିକାରୀଙ୍କ ତୁରନ୍ତ ବରଖାସ୍ତ ଦାବିରେ କଟକସ୍ଥିତ ପୋଲିସ୍ ମହାନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଏକ ଛଅ ଜଣିଆ ପ୍ରତିନିଧି ଦଳ ପୋଲିସ୍ ମହାନିର୍ଦ୍ଦେଶକଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଥିଲେ। ପ୍ରତିନିଧି ଦଳରେ ସୁନୀଲ ମାଟିଆ, ନିରଞ୍ଜନ ଦାସ, ବିଶ୍ୱଭୂଷଣ ମହାପାତ୍ର, କା ର୍କେଶ୍ୱର କାଣ୍ଡି, ବିଭୂତିଭୂଷଣ ମହାପାତ୍ର, ପର୍ଣ୍ଣାସା ପଲ୍ ଥିଲେ। ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଶ୍ରୀ ନୱାଜ୍ କହିଛନ୍ତି ଯେ, ଓଡ଼ିଶାରେ ପୋଲିସ୍‌ର ବର୍ବରତା ଓ ଅତ୍ୟାଚାର ସୀମା ଟପିଯାଇଛି। ନିଜ ବିଭାଗକୁ ନିୟନ୍ତ୍ରଣ କରିବାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମ୍ପୂର୍ଣ୍ଣ ଅକ୍ଷମ। ଲୋକମାନଙ୍କୁ ସୁରକ୍ଷା ଦେବା ବଦଳରେ ପୋଲିସ୍ ରକ୍ତମୁଖା ପାଲଟିଯାଇଛି। ସାରା ରାଜ୍ୟରେ ବିଭିନ୍ନ ଥାନାରେ ହାଜତ ମୃତ୍ୟୁ ଘଟଣା ଦିନକୁ ଦିନ ବଢ଼ି ଚାଲୁଥିବା ବେଳେ ଗୃହ ବିଭାଗର ମୁଖ୍ୟ ତଥା ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନୀରବଦ୍ରଷ୍ଟା ସାଜିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ୨୦୧୭ରୁ ୨୦୨୦ ମସିହା ମଧ୍ୟରେ ୧୦ଟି ହାଜତ ମୃତ୍ୟୁ ଘଟଣା ସାମ୍ନାକୁ ଆସିଛି ଏବଂ ଏହାର ତଦନ୍ତ ରିପୋର୍ଟ ଏପର୍ଯ୍ୟନ୍ତ ଅନ୍ଧାର ଭିତରେ ରହିଛି। ମୃତକମାନଙ୍କ ପରିବାରକୁ ନ୍ୟାୟ ମିଳି ପାରିନାହିଁ। ସେଥି ମଧ୍ୟରୁ ୨ଟି ହାଜତ ମୃତ୍ୟୁ ପୋଲିସ୍ ରିମାଣ୍ଡରେ ଘଟିଥିବା ବେଳେ ୬ଟି ବିଚାରପତିଙ୍କ ସମ୍ମୁଖରେ ହାଜର ହେବା ପୂର୍ବରୁ ଘଟିଛି। ୨୦୧୯ରେ ସାରା ଦେଶରେ ହାଜତ ମୃତ୍ୟୁ ମାମଲା କ୍ଷେତ୍ରରେ ଓଡ଼ିଶା ୬ ନମ୍ବର ସ୍ଥାନରେ ରହିଛି। ଏଥିରୁ ସ୍ପଷ୍ଟ ପ୍ରମାଣିତ ହେଉଛି ରାଜ୍ୟ ସରକାରଙ୍କ ଗୃହ ବିଭାଗ ସାଧାରଣ ଜନତାଙ୍କୁ ଅତ୍ୟାଚାର କରିବାରେ ଲାଗିଛି। ଜଗତ୍‌ସିଂହପୁର ହାଜତ ମୃତ୍ୟୁ ମାମଲାରେ ମୃତକ ମନୋରଞ୍ଜନ ଯେଉଁ ପରିସ୍ଥିତିରେ ମୃତ୍ୟୁବରଣ କଲା ବୋଲି ପୋଲିସ୍ ବୟାନ ଦେଉଛି, ଏହା ସମ୍ପୂର୍ଣ୍ଣ ବିଶ୍ୱାସଯୋଗ୍ୟ ନୁହେଁ। ଏହା ହାଜତମୃତ୍ୟୁ ଘଟଣାକୁ ଚାପିଦେବା ପାଇଁ ପୋଲିସ୍ ଦ୍ୱାରା ରଚିତ ଏକ ମନଗଢ଼ା କାହାଣୀ। ଏଠାରେ ପ୍ରଶ୍ନ ଉଠେ ଯେ ଦୌଡ଼ୁଥିବା ଅବସ୍ଥାରେ ସାମ୍ନାପଟୁ ଏକ ପୋଲରେ ମାଡ଼ ହୋଇ ମନୋରଞ୍ଜନ ଭୟଙ୍କର ଭାବେ ଆଘାତପ୍ରାପ୍ତ ହୋଇଥିଲା, କିନ୍ତୁ ମନୋରଞ୍ଜନ ଦେହରେ କୌଣସି ଗଭୀର ଆଘାତ ଓ ହାଡ଼ଗୋଡ଼ ଭାଙ୍ଗିବା ପରି କୌଣସି କ୍ଷତଚିହ୍ନ ଦେଖାଯାଇନଥିଲା। ମନୋରଞ୍ଜନକୁ ସିଧା କଟକ ବଡ଼ ମେଡ଼ିକାଲ ନ ନିଆଯାଇ ସ୍ଥାନୀୟ ମେଡ଼ିକାଲକୁ ନେବାର ରହସ୍ୟର ତଦନ୍ତ ହେବା ଦରକାର। ଦ୍ୱିତୀୟତଃ ଜଣେ ମୁମୂର୍ଷୁ ଅବସ୍ଥାରେ ଥିବା ବ୍ୟକ୍ତିକୁ ଆମ୍ବୁଲାନ୍ସ ଦ୍ୱାରା ନ ନେଇ କାହିଁକି ପୋଲିସ୍ ଗାଡ଼ିରେ ନିଆଗଲା। ପ୍ରଥମେ ଥାନାକୁ ନିଆଗଲା କି ହସ୍ପିଟାଲ୍‌କୁ ନିଆଗଲା, ତାହା ମଧ୍ୟ ସନ୍ଦେହ ଘେରରେ ରହିଛି। ଜଗତ୍‌ସିଂହପୁର ଜିଲ୍ଲା ଏସ୍.ପି. ଅଖିଳେଶ୍ୱର ସିଂ, ଅଭୟଚାନ୍ଦପୁର ଥାନା ଅଧିକାରୀ ଜୀବନାନନ୍ଦ ଜେନାଙ୍କ ଇତିହାସକୁ ଯଦି ସମୀକ୍ଷା କରାଯାଏ, ତେବେ ଏମାନେ ପୂର୍ବରୁ ହାଜତ ମୃତ୍ୟୁ ଘଟଣାରେ ମଧ୍ୟ ସମ୍ପୃକ୍ତ ରହିଛନ୍ତି। ଗତ ୨୦୨୦ ମସିହାରେ ପୁରୀ ଜିଲ୍ଲା ବାସେଲିସାହି ଥାନାରେ ଯେଉଁ ହାଜତମୃତ୍ୟୁ ଘଟଣା ଘଟିଥିଲା, ତାହାର କଳଙ୍କ ଏହି ଏସ୍.ପି. ଏବଂ ଏହି ଥାନା ଅଧିକାରୀଙ୍କ ନାମରେ ଯୋଡ଼ିହୋଇ ରହିଛି। ପୋଲିସ୍ ମହାନିର୍ଦ୍ଦେଶକ ଘଟଣାର ନିରପେକ୍ଷ ତଦନ୍ତ କରି ଦୋଷୀଙ୍କ ବିରୋଧରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଆସନ୍ତା ୭ ଦିନ ମଧ୍ୟରେ ସମ୍ପୃକ୍ତ ଏସ୍.ପି. ଏବଂ ଥାନା ଅଧିକାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ ଗୃହ ବିଭାଗର ମୁଖ୍ୟ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବାସଭବନକୁ ଘେରାଉ କରିବା ପାଇଁ ଚେତାବନୀ ଦେଇଛନ୍ତି ଶ୍ରୀ ନୱାଜ୍।

## ବରିଷ୍ଠ ସାମ୍ବାଦିକ ରବି ରଥ ସପ୍ତମ ଥର ପାଇଁ କ୍ଷୁଦ୍ର ମଧ୍ୟମ ସମ୍ବାଦପତ୍ର ମହାସଂଘ ସଭାପତି ନିର୍ବାଚିତ

ଭୁବନେଶ୍ୱର (ପିଏନ୍): କୋରାପୁଟ ଜିଲ୍ଲାର ଜୟପୁର ସ୍ଥିତ ଏମ୍.ଏସ୍. ସ୍ୱାମୀନାଥନ୍ କୃଷି ଗବେଷଣାକେନ୍ଦ୍ରଠାରେ ଗତ ମାସ ୧୬ ତାରିଖରୁ ୧୮ ତାରିଖ ତିନିଦିନ ଧରି ଅନୁଷ୍ଠିତ ହୋଇଯାଇଥିବା କ୍ଷୁଦ୍ର ମଧ୍ୟମ ସମ୍ବାଦପତ୍ର ମହାସଂଘର ୨୧ତମ ରାଷ୍ଟ୍ରୀୟ ଅଧିବେଶନ ଓ ୧୦ମ ରାଜ୍ୟ ଶାଖା ସମ୍ମିଳନୀ ଅବସରରେ ସର୍ବସମ୍ମତି କ୍ରମେ ବରିଷ୍ଠ ସାମ୍ବାଦିକ ତଥା ନବୀନର ସଂପାଦକ ରବି ରଥ ସପ୍ତମଥର ପାଇଁ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ପ୍ରକାଶଥାଉ କି ଶ୍ରୀ ରଥ ୨୦୦୫ ମସିହାରୁ ଏହି ସଂଗଠନର ଲଗାତାର ଭାବେ ସଭାପତି ନିର୍ବାଚିତ ହେବା ସହ ଓଡ଼ିଶାରେ ବିଭିନ୍ନ ଅ ଳରୁ ପ୍ରକାଶ ପାଉଥିବା ସମ୍ବାଦପତ୍ରର ସଂପାଦକମାନଙ୍କୁ ସଂଗଠିତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଆସୁଛନ୍ତି। ଏହି କାର୍ଯ୍ୟକ୍ରମରେ କୋରାପୁଟ ସାଂସଦ ସପ୍ତଗିରି ଶଙ୍କର ଉଲ୍ଲାକା, ଜୟପୁର ବିଧାୟକ ତଥା ସ୍ୱାଗତ ସମିତିର ଅଧ୍ୟକ୍ଷ ତାରାପ୍ରସାଦ ବାହିନୀପତି, କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତି ଶରତ କୁମାର ପାଲିତା, ରାଷ୍ଟ୍ରୀୟ ସଂପାଦକ ଶଙ୍କର କତିରାଙ୍କ ସମେତ ଭାରତର ବିଭିନ୍ନ ପ୍ରାନ୍ତରୁ ଶତାଧିକ ସଂପାଦକ ଉପସ୍ଥିତ ଥିଲେ। ଅଧିବେଶନରେ ଶ୍ରୀ ରଥଙ୍କୁ କେନ୍ଦ୍ରୀୟ ସାଧାରଣ ସଂପାଦକ ଶଙ୍କର କତିରା ଉପଢ୍ୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ।

## ବାଲିପାହାଡ଼ ସାହିରେ ଭୟାବହ ଅଗ୍ନିକାଣ୍ଡ



ବାଙ୍କୀ (ପିଏନ୍)-ବାଙ୍କୀ ବ୍ଲକ ଅନ୍ତର୍ଗତ ବଳଭଦ୍ରପୁର ପ ାୟତର ବାଲିପାହାଡ଼ ପାଇକ ସାହିରେ ରବିନ୍ଦ୍ର ପ୍ରଧାନ, ମାନସ ପ୍ରଧାନ, ସୁଷମା ପ୍ରଧାନଙ୍କ ଘରେ ହଠାତ୍ କୌଣସି କାରଣବଶତଃ ନିଆଁ ଲାଗିଯିବା ଫଳରେ ୩ବଖରା ଛଳ ଘର ତତ୍ ସହିତ ଘରର ଆସବାପତ୍ର ସମ୍ପୂର୍ଣ୍ଣ ପୋଡିଯାଇ ପାଉଁଶ ହୋଇଯାଇଥିବା ବେଳେ ଘଟଣାର ଖବର ପାଇଁ କଳାପଥର ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହ ୍ ନିଆଁକୁ ଆୟ କରିଥିଲେ। ସେହି ସମୟରେ ଘରଗୁଡିକ ଅଗ୍ନିକାଣ୍ଡରେ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ସୂଚନା ମିଳିଛି। ବାଙ୍କୀ ତହସିଲ ପକ୍ଷରୁ ଅଗ୍ନିବିପନ୍ନ ପରିବାରଙ୍କୁ ପଲିଥିନ୍ ଦିଆଯାଇଥିଲା। ଅଗ୍ନିକାଣ୍ଡ ସର୍ଟ ସର୍କିଟ୍ ଯୋଗୁଁ ହୋଇଥିବ ବୋଲି ସ୍ଥାନୀୟ ଲୋକ ଅନୁମାନ କରୁଛନ୍ତି।

## ବାଙ୍କୀ ମଧୁବୈଶ୍ୟ ସମାଜ ପକ୍ଷରୁ ବାର୍ଷିକ ସମ୍ମିଳନୀ



ବାଙ୍କୀ (ପିଏନ୍)-ବାଙ୍କୀ ରାଜ୍ୟ ମଧୁ ବୈଶ୍ୟ ସମାଜ ପକ୍ଷରୁ ବାର୍ଷିକ ସମ୍ମିଳନୀ ବାଙ୍କୀ ଡମପଡ଼ା ବ୍ଲକ ଅନ୍ତର୍ଗତ ଶିମିଳିପୁର ପ ାୟତ ସିଦ୍ଧେଶ୍ୱରଙ୍କ ପୀଠରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ସଭାପତି ରାମଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ସଂପାଦକ ଧୂର୍ବଚରଣ ସାହୁ ବାର୍ଷିକ ବିବରଣୀ ପାଠ କରିବା ସହ ମଧୁବୈଶ୍ୟ ସମାଜର ବିଭିନ୍ନ ସୁବିଧା ଅସୁବିଧା ସଂପର୍କରେ ଅବଗତ କରାଇଥିଲେ। ଏଥିରେ ସମାଜର ଉପସଭାପତି ଚୌଧୂରୀ ସାହୁ, କୋଷାଧ୍ୟକ୍ଷ ଧରଣୀଧର ସାହୁ, ସହ ସଂପାଦକ ଅକ୍ଷୟ ସାହୁ, ପ୍ରହ୍ଲାଦ ପୃଷ୍ଟିଙ୍କ ସମେତ ବାଙ୍କୀ ତଥା ଆଖପାଖ ଅ ଳର ମଧୁବୈଶ୍ୟ ସମାଜର ସଦସ୍ୟମାନେ ଏଥିରେ ସାମିଲ୍ ହୋଇଥିଲେ। ଏହି ବାର୍ଷିକ ଉତ୍ସବ ଦୁଇଦିନ ଧରି ଚାଲୁ ରହିଥିବା ଜଣାପଡିଛି।

## ପଦ୍ମପୁର ପାଠଶାଳାର ସପ୍ତମ ବାର୍ଷିକ ଉତ୍ସବ

ଆନନ୍ଦପୁର (ପିଏନ୍): ଆନନ୍ଦପୁର ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ପଦ୍ମପୁରସ୍ଥିତ ପାଠଶାଳାର ୭ମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏକ ଆଧ୍ୟାତ୍ମିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ପରିଚାଳିକା ସୁଲୋଚନା,ଜିଲ୍ଲା ପରିଚାଳିକା ବିନ୍ଦୁ ଭଉଣୀ, ପ୍ରତିଭା ଭଉଣୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଆଧ୍ୟାତ୍ମିକ ଚେତନା ସମ୍ପର୍କରେ ଉପସ୍ଥାପନ କରିଥିଲେ।

## ଜଳ ପାଇଁ ଚିନ୍ତା ପ୍ରକଟ କଲେ ୭ ବର୍ଷର ବାଳକ




ଭୁବନେଶ୍ୱର (ପିଏନ୍): ମାଡ଼ି ଆସୁଛି ପାନୀୟ ଜଳ ସଙ୍କଟ। ଯାହା ଏବେଠାରୁ ଜଳ ଜଳ ହୋଇ ଦେଖାଗଲାଣି। ଏ ନେଇ ସୃଷ୍ଟି ହେବ ଭୟାବହ ପରିସ୍ଥିତି। ପିଇବା ପାଇଁ ମିଳିବନି ପାଣି। ଏ ନେଇ ପରିବେଶ ବିଜ୍ଞାନୀ, ପରିବେଶବିତ୍ ଏବଂ ଜଳଯୋଦ୍ଧା ମାନେ ସତର୍କ ସୂଚନା ଦେଇସାରିଲେଣି। ଏକଥା ଅବିଶ୍ୱାସ ଲାଗୁଥିଲେ ମଧ୍ୟ ଏହା ନିରାଟ ସତ୍ୟ। ଆମେମାନେ ଜାଣୁ ପୃଥିବୀରେ ୩ଭାଗ ଜଳ ଏବଂ ଗୋଟିଏ ଭାଗ ସ୍ଥଳ ରହିଛି। ସେଥିମଧ୍ୟରୁ ୧ ପ୍ରତିଶତ ହେଉଛି ପାନୀୟ ଉପଯୋଗୀ ଜଳ। ଜଳର ଅପବ୍ୟବହାର, ଜଳବାୟୁ ପରିବ ର୍ନ, ବିଶ୍ୱତାପନ ଏବଂ ମାନବୀୟ ହସ୍ତକ୍ଷେପ ଯୋଗୁଁ ଦିନକୁ ଦିନ ଏହା ସଙ୍କଟ ଆଡ଼କୁ ଗତି କଲାଣି। ସଂପ୍ରତି ବଜାରରେ ଉପଲବ୍ଧ ସାଧା ପାନୀୟ ଜଳର ଲିଟର ପ୍ରତି ଦାମ୍ ଏବଂ ମିନିରେଲଯୁକ୍ତ ପାନୀୟ ଜଳ କ୍ଷୀର ଦାମ୍ ଠାରୁ ଅଧିକ ହୋଇଗଲାଣି। ତଥାପି ଆମେମାନେ ଚୁପ୍ ହୋଇ ବସିଛେ। ଏ ନେଇ ଭୁବନେଶ୍ୱର ପୋଖରୀପୁଟ ଅ ଳରେ ରହୁଥିବା ୭ ବର୍ଷର ବାଳକ ଚିତ୍ରଶିଳ୍ପୀ ଶାନ୍ତନୁ ଶାନ୍ତିସ୍ୱରୂପ ନିଜେ ରଙ୍ଗ, ତୁଳୀରେ ମନର କଥାକୁ ବଖାଣିବା ସହ ଚିନ୍ତାପ୍ରକଟ କରିଛନ୍ତି। ପାଣି ଓ କ୍ଷୀରକୁ ନେଇ ଆଙ୍କିଛନ୍ତି ଗୋଟିଏ ପାନୀୟ ଜଳ ବୋତଲ ଓ ଗୋଟିଏ କ୍ଷୀର ବୋତଲ। ଏଥିରେ ସେ ଦର୍ଶାଇଛନ୍ତି କ୍ଷୀର ଦାମ୍ ଠାରୁ ପାଣିର ଦାମ ଅଧିକ ହୋଇଗଲାଣି। ଖୁବ୍ ଶୀଘ୍ର ପୁଣି ପାଣିର ଦାମ୍ ବଢିବ ବୋଲି ଶାନ୍ତନୁ ଚିତ୍ର ମାଧ୍ୟମରେ ସତର୍କ ସୂଚନାର ବା ର୍ା ଦେଇଛନ୍ତି। ଏବେଠାରୁ ଜଳର ସୁରକ୍ଷା ପାଇଁ ସମସ୍ତେ ଯତ୍ନବାନ ହେବା ସହ ଏହାର ସୁରକ୍ଷା ପାଇଁ କାର୍ଯ୍ୟ କରିବା ନିତାନ୍ତ ଜରୁରୀ। ନଚେତ୍ ଜୀବଜଗତ ପାଇଁ ଆଉ ଏକ ବିପଦ ଉଭା ହେବ ଏବଂ ବିଲୀନ ହୋଇଯିବ ଏ ସୃଷ୍ଟି ବୋଲି କୁହନ୍ତି ଶାନ୍ତନୁ। ଶାନ୍ତନୁଙ୍କ ଏହି ଚିନ୍ତାଧାରାକୁ ବିଭିନ୍ନ ମହଲରେ ସ୍ୱାଗତ କରାଯିବା ସହ ପ୍ରଶଂସା କରାଯାଇଛି। ସୂଚନାଯୋଗ୍ୟ, ଶାନ୍ତନୁ ଏବେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଅରିଶଳର ଦ୍ୱିତୀୟ ଶ୍ରେଣୀର ଛାତ୍ର। ପରିବେଶ ସୁରକ୍ଷା, ଜାତୀୟ ପର୍ବ ଓ ପର୍ବ ପର୍ବାଣୀ ଦିବସ ଗୁଡ଼ିକରେ ବିଭିନ୍ନ ଜନସଚେତନତାର ବା ର୍ା ସେ ଚିତ୍ର ମାଧ୍ୟମରେ ବାଣ୍ଟୁଥିବାର ଜଣାପଡ଼ିଛି।

## ସଂଗୀତ ମୂର୍ଚ୍ଛନା ଏବଂ ଓସା ମ୍ୟୁଜିକ ଚ୍ୟାନେଲର ରାଜ୍ୟ ସ୍ତରୀୟ ସମ୍ବର୍ଦ୍ଧନା ଉତ୍ସବ



କେନ୍ଦ୍ରାପଡ଼ା (ପିଏନ୍): ସଂଗୀତ ମୂର୍ଚ୍ଛନା ଏବଂ ଓସା ମ୍ୟୁଜିକ ଚ୍ୟାନେଲର ମିଳିତ ସହଯୋଗରେ ଜିଲ୍ଲା ଜବାହର ବାଲ ଭବନ ପରିସରରେ ଏକ ରାଜ୍ୟ ସ୍ତରୀୟ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବକୁ ଜିଲ୍ଲା ପରିଷଦ ସଭାପତି ଗୀତାଞ୍ଜଳୀ ସେଠୀ ପ୍ରଦିପ ପ୍ରଜ୍ୱଳନ ପୂର୍ବକ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ସଂଗୀତ ମୂର୍ଚ୍ଛନା ଓ ଓସାର ନିର୍ଦ୍ଦେଶକ ବସନ୍ତ କୁମାର ଦାସ ଉତ୍ସବର ଲକ୍ଷ୍ୟ, ଉଦେଶ୍ୟ ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। କରୋନାର ପ୍ରକୋପ ସତ୍ୱେ ଦୀର୍ଘ ୨ବର୍ଷ ହେବ ଏହି ଅନୁଷ୍ଠାନ ରାଜ୍ୟର ବିଭିନ୍ନ ଜିଲ୍ଲାର ଯୁବ ପ୍ରତିଭାମାନଙ୍କର ଅନ୍ତର୍ନିହିତ କଳାର ବିକାଶ କରିବା ସହିତ ସେମାନଙ୍କୁ ଉତ୍ସାହିତ କରିବା ପାଇଁ ଅନ୍ ଲାଇନ ମାଧ୍ୟମରେ ପ୍ରତିଯୋଗୀତା ମାନ ଆୟୋଜନ କରାଯାଇଥିଲା। ଗୀତ, ନୃତ୍ୟ, କବିତା, ଚିତ୍ରକଳା, ବକ୍ତୃତା ପ୍ରଭୃତି ୬ଟି ପ୍ରତିଯୋଗୀତାରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ମୋଟ ୭ଶହରୁ ଉର୍ଦ୍ଧ୍ୱ ବିଭିନ୍ନ ବୟସର କଳାକାରମାନେ ଭାଗ ନେଇଥିଲେ। ପ୍ରତ୍ୟେକ ବିଷୟରୁ ଶ୍ରେଷ୍ଠ ୧୦ଜଣ ଲେଖାଁଏ ମୋଟ ୮୦ଜଣଙ୍କୁ ଟପଟେନ ଆୱାର୍ଡ ଅତିଥିମାନେ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଜୁ ଛାତ୍ର ଜନତା ଦଳର ରାଜ୍ୟ ଉପସଭାପତି ଜ୍ୟୋସ୍ନାମୟୀ ପରିଡା, ବରିଷ୍ଠ ସାମ୍ବାଦିକ ଚି ରଞ୍ଜନ ଦାସ, ଜିଲ୍ଲା ସଂସ୍କୃତି ଅଧିକାରିଣୀ ସୋନାଲି ବେହେରା, ଗୁଆଲସିଂ ସରପ ମଧୁସ୍ମୀତା ଦାସ, ବାଲ ଭବନର ଯୁଗ୍ମ ନିର୍ଦ୍ଦେଶକ ଜୀତେନ୍ଦ୍ର କୁମାର ମହାନ୍ତି ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଜବାହର ଭବନର ନିର୍ଦ୍ଦେଶିକା ଲଳିତାଞ୍ଜଳି ଦାସ ସଂଗୀତ ମୁର୍ଚ୍ଛନା ଚ୍ୟାନେଲର ଉଦ୍ୟମକୁ ପ୍ରଶଂସା କରିବା ସହିତ ଉତ୍ସବରେ ୯ରୁ ୧୬ବର୍ଷ ପ୍ରତିଯୋଗୀମାନଙ୍କ ଦକ୍ଷତାକୁ ଆଧାରକରି ବାଲ ଭବନ ପକ୍ଷରୁ ଜାତୀୟ ସ୍ତରରେ ଅନୁଷ୍ଠିତ ପ୍ରତିଯୋଗୀତାରେ ଭାଗ ନେବାକୁ ସୁଯୋଗ ପାଇବେ ବୋଲି କହିଥିଲେ। ସଂଗୀତ ନିର୍ଦ୍ଦେଶକ ଦିନେଶ ମଲ୍ଲିକ କାର୍ଯ୍ୟକ୍ରମ ସଂଚାଳନ କରିବାଉ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅତିଥିମାନେ ଏହି ଅନୁଷ୍ଠାନକୁ ସହାୟତା ଯୋଗାଇଦେବାକୁ ପ୍ରତିଶୃତି ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ସଦସ୍ୟ ଅକ୍ଷୟ ସାମଲ, ନିରାକାର ମହାରଣା, ପ୍ରଭାକର ଦାସ, ସଂଯୋଜିକା ଲିପି ମିଶ୍ର ଓ ତପସ୍ୱିନୀ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବରିଷ୍ଠ ନାଗରିକ ମଂଚ ସାଧାରଣ ପରିଷଦ ସଭା: ୨୨ଟି ୱାର୍ଡରୁ ହେବେ ଆଦର୍ଶ ପରିବାର ଚୟନ



ଖୋର୍ଦ୍ଧା (ପିଏନ୍): ଖୋର୍ଦ୍ଧା ବରିଷ୍ଠ ନାଗରିକ ମଂଚର ସାଧାରଣ ପରିଷଦ ସଭା ସଭାପତି ସତ୍ୟବାଦୀ ବଳିଆରସିଂହଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସଂସ୍କୃତି ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସାଧାରଣ ସମ୍ପାଦକ ରାମଶଙ୍କର ବିଭିନ୍ନ ପ୍ରସ୍ତାବ ଉପରେ ଆଲୋକପାତ କରିବା ସହ ବିବରଣୀ ପାଠ କରିଥିଲେ। କୋଷାଧ୍ୟକ୍ଷ ଗୋବିନ୍ଦ ଚନ୍ଦ୍ର ମହାରଣା ଆୟବ୍ୟୟର ବିବରଣୀ ପ୍ରଦାନ କରିଥିଲେ। ଉପଦେଷ୍ଟା ତଥା କର୍ମକର୍ତାଙ୍କ ମଧ୍ୟରୁ ସର୍ବଶ୍ରୀ ଭୀମସେନ ପ୍ରଧାନ, ବିଚିତ୍ର କୁମାର ବଡ଼ଜେନା, ବୈକୁଣ୍ଠନାଥ ରାଜଗୁରୁ, ପ୍ରଫୁଲ୍ଲ କୁମାର ସାମନ୍ତରାୟ, ବସନ୍ତ କୁମାର ଦାଶ, କୃଷ୍ଣଚନ୍ଦ୍ର ହରିଚନ୍ଦନ, ନାରାୟଣ ଦାସ ପ୍ରମୁଖ ମଂଚାସୀନ ଥିଲେ। ବରିଷ୍ଠ ନାଗରିକ ନାରାୟଣ ଚନ୍ଦ୍ର ସାହୁ ଓ ଜଗନ୍ନାଥ ସେଠୀଙ୍କ ବିୟୋଗରେ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ନାଗରିକ ମଂଚ ପକ୍ଷରୁ ଖୋର୍ଦ୍ଧା ଓକିଲ ସଂଘ ସଭାପତି ବିଜୟ କୁମାର ସାମନ୍ତସିଂହାର ଓ ମହିଳା ପ୍ରତିନିଧି ଜ୍ୟୋତିପ୍ରଭା ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆଲୋଚନା କ୍ରମରେ ସହରରେ ୨୨ଟି ୱାର୍ଡରୁ ୨୨ଟି ଆଦର୍ଶ ପରିବାର ଚୟନ, ପ୍ରତି ୩ ମାସରେ ବୟସ୍କମାନଙ୍କ ପାଇଁ ସ୍ୱାସ୍ଥ୍ୟ ଶିବିର, ବୟସ୍କମାନଙ୍କ ପାଇଁ ରେଳୱେ ରିହାତି ଓ ନାଗରିକ ମଂଚ ପାଇଁ ସରକାରଙ୍କ ପକ୍ଷରୁ ଜାଗା ପ୍ରଦାନ ପାଇଁ ଆଲୋଚନା ହୋଇ ଦାବି ହୋଇଥିଲା। ଫୁଟ୍‌ପାଥରେ ଦୋକାନମାନ ଖୋଲିଯାଇଥିବାରୁ ବରିଷ୍ଠ ନାଗରିକମାନେ ଯାତାୟାତରେ ଅସୁବିଧା ଭୋଗୁଥିବା ଦର୍ଶାଯାଇଥିଲା। ଆଲୋଚକମାନଙ୍କ ମଧ୍ୟରେ ପ୍ରଫେସର ଡ. ନାରାୟଣ ରାଓ, ରବୀନ୍ଦ୍ର କୁମାର ପଟ୍ଟନାୟକ, ବିରଂଚି ନାରାୟଣ ସାହୁ, ଡ. ପ୍ରମୋଦ ଚନ୍ଦ୍ର ଦାଶ, ମୃତ୍ୟୁଞ୍ଜୟ ଛୋଟରାୟ, ଅଖିଳ କୁମାର ପ୍ରଧାନ, ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ମଂଚ ପକ୍ଷରୁ ସ୍ୱତନ୍ତ୍ର ସଦସ୍ୟ ଭାବେ ବିଜୟ କୁମାର ସାମନ୍ତସିଂହାର ଓ ବିରଂଚି ନାରାୟଣ ସାହୁଙ୍କ ଗ୍ରହଣ କରାଯାଇଥିଲା। ଶେଷରେ ନାରାୟଣ ଦାସ ଧନ୍ୟବାଦ ଦେଇଥିଲେ।

### "ବାସୁବାବୁ-ଅନ୍ତରଙ୍ଗ ଅନ୍ତରୀକ୍ଷ ଯାଏଁ" ଲୋକାର୍ପିତ

## ଶିକ୍ଷାବିତ୍‌ଙ୍କ ପ୍ରଥମ ବାର୍ଷିକ ସ୍ମୃତିସଭା

ଖୋର୍ଦ୍ଧା (ପିଏନ୍): ତାପଙ୍ଗ ମହୋତ୍ସବର କର୍ଣ୍ଣଧାର, ଖୋର୍ଦ୍ଧା ବି.ଜେ.ବି ହାଇସ୍କୁଲର ପ୍ରାକ୍ତନ ପ୍ରଧାନ ଶିକ୍ଷକ ତଥା ଏକାଧାରରେ ଜଣେ ନୀତିନିଷ୍ଠ କର୍ମଯୋଗୀ, ଦୃଢ଼ମନା ଆଦର୍ଶ ବ୍ୟକ୍ତିତ୍ୱ ବାସୁଦେବ ସାମନ୍ତରାୟଙ୍କ ପ୍ରଥମ ବାର୍ଷିକ ସ୍ମୃତି ସଭା ନିଜିଗଡ଼ ତାପଙ୍ଗ ଠାରେ ଡ. ଦିଲ୍ଲୀପ ଶ୍ରୀଚନ୍ଦନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କଳିଙ୍ଗ ପାଇକ ସଂଗଠନର ଉପଦେଷ୍ଟା ଭୀମସେନ ପ୍ରଧାନ, ଐତିହାସିକ ସତ୍ୟବାଦୀ ବଳିଆରସିଂହ, ତାପଙ୍ଗ ଦଳବେହେରା ସ୍ମୃତି ପରିଷଦର କାର୍ଯ୍ୟକାରୀ ସଭାପତି ଶେଖ୍ ରମଜାନ୍ ଖାଁ ପ୍ରମୁଖ ଅତିଥି ଭାବେ ତାଙ୍କର ବହୁମୁଖୀ ପ୍ରତିଭାର ସ୍ମୃତିଚାରଣ କରିଥିଲେ। ତାଙ୍କ ଉଦ୍ୟମ ଯୋଗୁଁ ତାପଙ୍ଗ ମହୋତ୍ସବ ଓ ଜାତୀୟ ରାଜପଥରେ ତାପଙ୍ଗ ଛକଠାରେ ଅଣ୍ଡରପାସ୍ ନିର୍ମାଣ ହୋଇଥିଲା ବୋଲି ମତ ପ୍ରକାଶ ପାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବିଭୂତି ଭୂଷଣ ମହାପାତ୍ର, ପ୍ରଫୁଲ୍ଲ କୁମାର ସାମନ୍ତରାୟ, ଆରତି ମଂଜରୀ ଦାଶ, କୃଷ୍ଣଚନ୍ଦ୍ର ହରିଚନ୍ଦନ, ମୃତ୍ୟୁଞ୍ଜୟ ଛୋଟରାୟ, ମଙ୍ଗୁଲୁ ପ୍ରସାଦ ପ୍ରଧାନ, ସଂଗ୍ରାମ କେଶରୀ ଜଗଦ୍ଦେବ, ବିନାୟକ ପାଇକରାୟ, ଗତିକୃଷ୍ଣ ସେଠୀ, ଯୁଧିଷ୍ଠିର ସାହୁ, ଡ଼.ତୈଲୋକ୍ୟ କୁମାର ରଥ, ବିଜୟ କୁମାର ଜଗଦ୍ଦେବ, କୈଳାସ ଚନ୍ଦ୍ର ବଳିଆରସିଂହ, ପ୍ରଦୀପ୍ତ କୁମାର ପୃଷ୍ଟି ଓ ଶାନ୍ତିଲତା ବଳିଆରସିଂହ ପ୍ରମୁଖ ସ୍ମୃତିଚାରଣ କରି ସେ ଛାତ୍ରବତ୍ସଳ, ଗଭୀର ସମୟାନୁବର୍ତୀ ଓ ଏନ୍.ସି.ସି ଅଫିସର ଭାବରେ ଜାତୀୟ ସ୍ତରରେ ସୁନାମ ଅର୍ଜନ କରିଥିଲେ ବୋଲି ମତ ଦେଇଥିଲେ। ତାଙ୍କ ଉଦ୍ଦେଶ୍ୟରେ "ବାସୁବାବୁ-ଅନ୍ତରଙ୍ଗ ଅନ୍ତରୀକ୍ଷ ଯାଏଁ" ଏକ ସ୍ମରଣିକା କୃଷ୍ଣଚନ୍ଦ୍ର ହରିଚନ୍ଦନ, ବିଭୂତି ଭୂଷଣ ମହାପାତ୍ର, ଆରତୀ ମଂଜରୀ ଦାଶ ଓ ବିନାୟକ ପାଇକରାୟଙ୍କ ସଂପାଦନାରେ ପ୍ରକାଶିତ ହୋଇ ଲୋକାର୍ପିତ ହୋଇଥିଲା। କୃଷ୍ଣ ଚନ୍ଦ୍ର ହରିଚନ୍ଦନ ଅତିଥି ପରିଚୟ ଓ ସୌମ୍ୟରଂଜନ ହରିଚନ୍ଦନ ଧନ୍ୟବାଦ ଦେଇଥିଲେ। ପୁତ୍ର ଜଗଦୀଶ ସାମନ୍ତରାୟ ଓ ପତ୍ନୀ ଗିରିବାଳା ସାମନ୍ତରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ମା'ଆଦିମାତା କ୍ଲବରେ ଜଳଛତ୍ର କେନ୍ଦ୍ର

ବାଙ୍କୀ (ପିଏନ୍)- ବାଙ୍କୀ ଏନ୍.ଏ.ସି ୧୦ନମ୍ବର ୱାର୍ଡସ୍ଥିତ ଆଦିମାତା ଛକ ଠାରେ ଆଦିମାତା କ୍ଲବ ପକ୍ଷରୁ ଏକ ଜଳଛତ୍ର କେନ୍ଦ୍ର ଖୋଲାଯାଇଛି। ଏହି କାର୍ଯ୍ୟକ୍ରମରେ ବାଙ୍କୀ ଏନ୍.ଏ.ସିର ଅଧ୍ୟକ୍ଷା ମାଣିକ ସାହୁ ଏହାକୁ ଉଦ୍‌ଘାଟନ କରିଥିବା ବେଳେ ବାଙ୍କୀ ଏନ୍.ଏ.ସିର ଉପନଗରପାଳ ସନ୍ତୋଷ ରଣା, କାଉନସିଲର ତଥା ବିଜୁ ଜନତାଦଳର ସାଧାରଣ ସଂପାଦକ ସନାତନ ବେହେରା, ବେଗୁନିଆ ପ୍ରଧାନ, କାଉନସିଲର ରାଜେନ୍ଦ୍ର ମହାପାତ୍ର, ମାନସ ପ୍ରଧାନ, କାଶିନାଥ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ମା'ତାରିଣିଙ୍କ ପୀଠରେ ଝାମୁ ଯାତ୍ରା



ବାଙ୍କୀ (ପିଏନ୍)-ବାଙ୍କୀ ଡମପଡ଼ା ବ୍ଲକ ଅନ୍ତର୍ଗତ ଶିମିଳିପୁର କଇଁଆନାଳ ନିକଟସ୍ଥ ମା'ତାରିଣିଙ୍କ ପୀଠରେ ପବିତ୍ର ଚୈତ୍ରପୂର୍ଣ୍ଣିମା ଉପଲକ୍ଷେ ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ମା'ଙ୍କର ହୋମଯଜ୍ଞ ସହ ଝାମୁଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ମାନସୀକ ଧାରି ଝାମୁଆମାନେ ମା'ଙ୍କ ପୀଠରେ ମାନସିକ କରି ଝାମୁ ଚାଲିଥିଲେ। ଏଥିରେ ଆଖପାଖ ଅ ଳରୁ ବିଶେଷ କରି ଶିମିଳିପୁର, ହରିରାଜପୁର, ବିଲିପଦନପୁର , ବରଗାଁ ଆଦି ଗ୍ରାମରୁ ବହୁ ଭକ୍ତଙ୍କ ସମାଗମ ହୋଇଥିବା ବେଳେ ଏହି ଝାମୁ ଯାତ୍ରାରେ ବାବା ନିରଞ୍ଜନ ବେହେରା, ମନ୍ଦିର ପୂଜକ ତପନ ନାୟ. କ ର୍ଭାବେ ଖଗେଶ୍ୱର ପ୍ରଧାନ, ଶ୍ରୀକାନ୍ତ ପ୍ରଧାନ ପ୍ରମୁଖ ପରିଚାଳନା କରିଥିବା ବେଳେ ବିଭିନ୍ନ ଭାଗବତ ମଣ୍ଡଳୀ ଦ୍ୱାରା ଭାଗବତ ପରିବେଷଣ କରାଯାଇଥିଲା। ସେହିପରି ଶିମିଳିପୁର ସିଦ୍ଧେଶ୍ୱରଙ୍କ ପୀଠରେ ପୂଜକ ଶ୍ରୀକାନ୍ତ ମହାପାତ୍ର, ଝାମୁଆ କ ଦାମୋଦର ନାୟକ ଝାମୁ ଚାଲିଥିଲେ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Praggan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# କୁମ୍ଭାରି ଓ ଗୋଲାମୁଣ୍ଡାଠାରେ ମାସେ ଧରି ଓଁ ଶ୍ରୀ ଶ୍ରୀ ମହାଭାରତ ମହାପାରାୟଣ ମହାଯଜ୍ଞ ଆୟୋଜିତ



ଗୋଲାମୁଣ୍ଡା,(ପି.ଏନ):-ପ୍ରାଚ୍ୀନ କାଳରେ ଭାଗବତ ଗୀତା, ମହାଭାରତ, ରାମାୟଣ, ବିଭିନ୍ନ ଶାସ୍ତ୍ର ପଠନ କରି ପୁଣ୍ୟ ଅର୍ଜନ କରିବା ଫଳରେ ନାକାରାତ୍ମକ ଚ୍ିନ୍ତା ଧାରା ଦୁରେଇ ରହି ଶାନ୍ତି, ଦୟା, କ୍ଷମା, ଦାନ, ନ୍ୟାୟ ପ୍ରତିଷ୍ଠା ଆଦି କାର୍ଯ୍ୟ କରିବା ମୂଖ୍ୟ ଉଦ୍ଧ ?ଶ୍ୟ ଥିଲା। ପ୍ରତି ଗାଁ ଗଣ୍ଡା, ସହର ମାନଙ୍କରେ ଭାଗବତ ଟୁଙ୍ଗୀ ସାରାଭାରତରେ ଗଢି ଉଠିଥିଲା । ହିନ୍ଦୁ ଧର୍ମ ଅନୁସାରେ ଏହି ଶାସ୍ତ୍ର ପଠନ ଓ ଶ୍ରବଣ ଦ୍ୱାରା ପୁଣ୍ୟ ପ୍ରାପ୍ତି ହୁଏ ବୋଲି ବିଶ୍ୱାସ ରହିଛି। ତେଣୁ ଗାଁ, ସହର ମାନଙ୍କରେ ପ୍ରାଚ୍ୀନ ପରମ୍ପରା ଅନୁଯାୟୀ ଶାସ୍ତ୍ର ଅଧ୍ୟୟନ, ପୂଜା ବିଧି କାର୍ଯ୍ୟ କରାଯାଇ ଥାଏ। ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ଗୋଲାମୁଣ୍ଡା ଓ କୁମ୍ଭାରି ଗ୍ରାମରେ ମହାଭାରତ ମହା ପାରାୟଣ ମହା ଯଜ୍ଞ ଗତ ଏପ୍ରିଲ ୫ ତାରିଖ ରୁ ଆରମ୍ଭ ହୋଇ ମେ ୪ ତାରିଖ ଯାଏଁ ପଠନ ଓ ଶ୍ରବଣ କରାଯାଇଥିଲା । ଏଥିରେ ହଜାର ହଜାର ବୈଷ୍ଣବ, ଶୈବ, ବୌଦ୍ଧ, ଜୈନ ଓ ସନାତନ ଧର୍ମ ଅବଲମ୍ବୀ ଭକ୍ତ ବୃନ୍ଦ ଯୋଗ ଦେଇ ଭଗବାନଙ୍କ ସାନିଧ ଲାଭ କରି କାର୍ଯ୍ୟକ୍ରମକୁ ସଫଲ୍ୟ ମଣ୍ଡିତ କରି ନିଜକୁ କୃତାର୍ଥ ମନେ କରିଛନ୍ତି। ଏହି କାର୍ଯ୍ୟ କ୍ରମ ବିବାହ, କୁଣା ବୁରା, ଶୈଶବ ବାଲ କଟା କାର୍ଯ୍ୟ ତଥା ଅନ୍ୟାନ୍ୟ ପୂଜା ବିଧି କାର୍ଯ୍ୟଗୁଡିକ ମଧ ସମ୍ପନ୍ନ କରାଯାଇଛି । ଏଥିରେ ନିଜ ଘର ଦ୍ୱାର ଛାଡ଼ି ଦୀର୍ଘ ଏକ ମାସ ଧରି ଅନେକ ଭକ୍ତ ବ୍ରତ ଓ ବ୍ରତୀ ଭାବରେ ଏହି ସ୍ଥଳେ ରହିଥିଲେ । ପୁଣ୍ୟ ଅର୍ଜନ ସକାଶେ ଅନେକ ଭକ୍ତ ନିଜ ଅର୍ଜିତ ସମ୍ପତିରୁ କିଛି ଦାନ କରିଛନ୍ତି। ହଜାର ହଜାର ଭକ୍ତ ଅର୍ନ୍ନ ପ୍ରସାଦ ସେବନ କରି ନିଜକୁ ଲକ୍ଷ୍ମୀ ଭୋଗରେ ତୃପ୍ତି ଅନୁଭବ କରିଛନ୍ତି । କୁମ୍ଭାରି ଗ୍ରାମରେ ପରୀକ୍ଷ ସା ଓ ହେମଲତା ସା ମହାଭାରତର ଅୟୋଜନ କରିଥିବା ବେଳେ ଗୋଲାମୁଣ୍ଡାରେ ଗ୍ରାମବାସୀ ଆୟୋଜନ କରିଥିଲେ ଏହି କାର୍ଯ୍ୟକ୍ରମ କୁ ବିଭିନ୍ନ କାର୍ଯ୍ୟରେ ଗ୍ରାମବାସୀ ଓ ଅଂଚଳବାସୀ ସହଯୋଗ କରିଥିବା ବେଳେ ଗୋଲାମୁଣ୍ଡା ବ୍ଲକ ଦୁଇ କୋଣରେ ଦୁଇଟି ସ୍ଥଳରେ ଆୟୋଜିତ ହୋଇ ଥିବା ହେତୁ ଏକ ମାସ ଯାଏଁ ଲୋକଙ୍କ ଭିଡ ଲାଗି ରହିଥିଲା ଓ ଦୁଇଟି ତୀର୍ଥ ସ୍ଥଳୀ ପାଲଟି ଥିଲା । ଆଜି ମହାଭାରତ ଶାସ୍ତ୍ର ପଠନ କାର୍ଯ୍ୟ ସମାପନ କରା ଯାଇଛି।

## ଦୃଷ୍ଟିବାଧିତ ପାରାସେଲରଙ୍କୁ ସମ୍ବର୍ଦ୍ଧିତ କଲେ ବିଧାୟକ

ଭୁବନେଶ୍ୱର,(ପି.ଏନ): ବଙ୍ଗୋପସାଗର ଉପରେ ପାରାସେଲିଂ କରି ଇତିହାସ ସୃଷ୍ଟି କରିଥିବା ରାଜ୍ୟର ପ୍ରଥମ ଦୃଷ୍ଟିବାଧିତ ବାପିନା ନାୟକଙ୍କୁ ନୟାଗଡ଼ ଜିଲ୍ଲା ରଣପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ବିଧାୟକ ସତ୍ୟନାରାୟଣ ପ୍ରଧାନ ଭୁବନେଶ୍ୱର ଗୋପବନ୍ଧୁ ଛକ ସ୍ଥିତ ସରକାରୀ ବାସଭବନ ପରିସରରେ ଆଜି ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରିଛନ୍ତି । ଏହି ସମ୍ବର୍ଦ୍ଧନା ସଭାରେ ଅତିଥି ରୂପେ ସାମାଜିକକର୍ମୀ ସୁଶାନ୍ତ ସାହୁ, ଶିକ୍ଷାବିତ୍ ଚନ୍ଦ୍ରଶେଖର ପାଲ୍, ସେଞ୍ଚୁରିଆନ୍ ବ୍ଲଡ ଡ଼ୋନର ଗୋପୀମୋହନ ପଟ୍ଟନାୟକ, ଦୃଷ୍ଟିବାଧିତ ଖେଳାଳିଙ୍କ କୋଚ୍ ତ୍ରିଲୋଚନ ବେଉରା ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ଶ୍ରୀ ପ୍ରଧାନ ବାପିନାଙ୍କୁ ଉତ୍ତରୀୟ, ଫଳକ, ପୁଷ୍ପଗୁଚ୍ଛ ପ୍ରଦାନ କରିବା ସହ ତାଙ୍କର ଏହି ଦୁଃସାହସିକ କାର୍ଯ୍ୟକୁ ଭୁରି ଭୁରି ପ୍ରଶଂସା କରିଥିଲେ । ଆମ ଅଞ୍ଚଳ ଓ ସାରା ଓଡ଼ିଶା ପାଇଁ ଏହିଭଳି ଉଦୀୟମାନ ଖେଳାଳି ଗର୍ବ ଓ ଗୌରବର ବିଷୟ । ଖେଳ ପ୍ରତି ରୁଚି ରଖିଥିବା ବାପିନାଙ୍କ ଆଗ୍ରହକୁ ଦେଖି ଶ୍ରୀ ପ୍ରଧାନ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ସୂଚନାଯୋଗ୍ୟ, ନୟାଗଡ଼ ଜିଲ୍ଲା ରଣପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ଭିକାରୀପଡ଼ା ଗ୍ରାମରେ ବାପିନାଙ୍କ ଘର । ସେ ଏବେ ଓଡ଼ିଶା ଫୁଟ୍‌ବଲ ଦଳର କ୍ୟାପ୍‌ଟେନ୍ ରୂପେ ଦାୟିତ୍ୱ ତୁଲାଉଛନ୍ତି ।

# ଜେଇଇ ମେନ୍‌ସ ୨୦୨୩ରେ କଟକର ଆକାଶ ବାଇଜୁସ ଛାତ୍ରୀ ଶୁଭାଙ୍ଗି ଦାସଙ୍କ ସଫଳତା

କଟକ,(ପି.ଏନ): କଟକରୁ ଆକାଶ ବାଇଜୁସ୍‌ର ଛାତ୍ରୀ ଶୁଭାଙ୍ଗି ଦାସ ଜେଇଇ ମେନ୍‌ସ ୨୦୨୩ ପରୀକ୍ଷାରେ ୯୯.୪୧% ମାର୍କ ରଖି ନିଜ ପିତାମାତା ଓ ଇନ୍‌ଷ୍ଟିଚ୍ୟୁଟ୍‌ର ସମସ୍ତ କର୍ମଚାରୀଙ୍କୁ ଗର୍ବିତ କରିଛନ୍ତି । ଜେଇଇ ମେନ୍‌ସ ୨୦୨୩ର ଫଳାଫଳ ଗତ ଏପ୍ରିଲ ୨୮ ତାରିଖରେ ନ୍ୟାଶନାଲ ଟେଷ୍ଟିଙ୍ଗ ଦ୍ୱାରା ଘୋଷଣା କରାଯାଇଥିଲା। ଛାତ୍ରଛାତ୍ରୀମାନେ ବିଶ୍ୱର କଷ୍ଟକର ପ୍ରବେଶିକା ପରୀକ୍ଷା ଭାବେ ବିବେଚନା କରାଯାଉଥିବା ଆଇଆଇଟି, ଜେଇଇ ଭଳି ପରୀକ୍ଷାରେ ସଫଳତା ପାଇବା ପାଇଁ ଆକାଶ ବାଇଜୁସ୍‌ରେ ଯୋଗ ଦେଇଥାନ୍ତି । ଶୁଭାଙ୍ଗି ବିଷୟବସ୍ତୁକୁ ବୁଝିବାରେ ତାଙ୍କର କଠିନ ପରିଶ୍ରମ ଏବଂ ଆକାଶ ବାଇଜୁସ୍‌ର ଶିକ୍ଷା କାର୍ଯ୍ୟସୂଚୀକୁ କଠୋର ଭାବେ ଅନୁକରଣ କରି ଜେଇଇରେ ଶୀର୍ଷ ର୍‍ୟାଙ୍କ୍ ହୋଲ୍ଡରଙ୍କ ତାଲିକାରେ ସ୍ଥାନ ପାଇପାରିଛନ୍ତି । ସେ କହିଛନ୍ତି, 'ଆକାଶ ବାଇଜୁସ୍ ମୋତେ ସାହାଯ୍ୟ କରିଥିବାରୁ ମୁଁ କୃତଜ୍ଞ। ଇନ୍‌ଷ୍ଟିଚ୍ୟୁଟ୍‌ର ବିଷୟବସ୍ତୁ ଓ କୋଚିଙ୍ଗ ଯୋଗୁଁ ମୁଁ ଖୁବ୍ କମ୍ ସମୟ ମଧ୍ୟରେ ବିଭିନ୍ନ ବିଷୟବସ୍ତୁକୁ ବୁଝିପାରିଥିଲି ।ଆକାଶ ବାଇଜୁସ୍‌ର ମୁଖ୍ୟ କାର୍ଯ୍ୟକାରୀ ଅଧିକାରୀ ଅଭିଶେକ ମହେଶ୍ୱରୀ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ କହିଛନ୍ତି, 'ଶୀର୍ଷ ପ୍ରତିଶତ ହାସଲ କରିବା ନେଇ ସେମାନଙ୍କର ସଫଳତା ଛାତ୍ରଛାତ୍ରୀଙ୍କର କଠିନ ପରିଶ୍ରମ ଓ ସମର୍ପଣଭାବକୁ ଦର୍ଶାଉଛି । ଆମେ ସେମାନଙ୍କୁ ନିଜର ଭବିଷ୍ୟତର ପ୍ରୟାସଗୁଡିକ ପାଇଁ ଶୁଭକାମନା ଜଣାଉଛୁ।' ଜେଇଇ ମେନ୍ ଛାତ୍ରଛାତ୍ରୀଙ୍କୁ ନିଜ ମାର୍କରେ ଉନ୍ନତି ଆଣିବା ପାଇଁ ଏକାଧିକ ସୁଯୋଗ ପ୍ରଦାନ କରିବା ଲାଗି ଦୁଇଟି ଅଧିବେଶନର ପରିଚାଳନା କରୁଛି। ଜେଇଇ ଆଡ୍‌ଭାନ୍ସ କେବଳ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଆଇଅଇଟି)ରେ ନାମଲେଖା ପାଇଁ ଉଦ୍ଦିଷ୍ଟ ଥିବା ବେଳେ ଜେଇଇ ମେନ୍ ବିଭିନ୍ନ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିସ୍ (ଏନ୍‌ଆଇଟି) ଓ ଭାରତରେ କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ ଅନେକ ଇଂଜିନିୟରିଂ କଲେଜଗୁଡିକରେ ନାମ ଲେଖାଇବା ପାଇଁ ଉଦ୍ଦିଷ୍ଟ ରହିଛି। ଜେଇଇ ଆଡ୍‌ଭାନ୍ସ ପରୀକ୍ଷା ଦେବା ପାଇଁ ଛାତ୍ରଛାତ୍ରୀଙ୍କୁ ପ୍ରଥମେ ଜେଇଇ ମେନ୍ ପରୀକ୍ଷାରେ ଉତୀର୍ଣ୍ଣ ହେବାକୁ ପଡିବ। ସେହିପରି ଆକାଶ ବାଇଜୁସ୍ ଉଚ୍ଚ ବିଦ୍ୟାଳୟ ଓ ଉଚ୍ଚ ମାଧମିକ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପାଇଁ ଏକାଧିକ କୋର୍ସ ଫର୍ମାଟ୍‌ରେ କୋଚିଂ ପ୍ରଦାନ କରୁଛି। ଆକାଶ କମ୍ପ୍ୟୁଟର ଆଧାରିତ ତାଲିମ ବିକଶିତ କରିବା ଉପରେ ଅଧିକ ଗୁରୁତ୍ୱ ଦେଉଛି। ଏହାର ଆଇଟ୍ୟୁଟର ରେକର୍ଡେଡ୍ ଭିଡିଓ ଲେକ୍‌ଚର ପ୍ରଦାନ କରୁଛି।

# ଏସିଆ ସେଣ୍ଟର ଫର କମ୍ୟୁନିଟି ମିଡ଼ିଆର ଶିଳାନ୍ୟାସ

କୋଣାର୍କ,(ପି.ଏନ): ଗତ ଶୁକ୍ରବାର ଦିନ କୋଣାର୍କରେ ସାମାଜିକ ସଂଗଠନ ୟଙ୍ଗ ଇଣ୍ଡିଆ ଦ୍ୱାରା ଏସିଆ ସେଣ୍ଟର ଫର କମ୍ୟୁନିଟି ମିଡ଼ିଆର ଶିଳାନ୍ୟାସ ହୋଇଯାଇଛି ଓ ଏହି କାର୍ଯ୍ୟକ୍ରମରେ ପାଞ୍ଚ ସହରୁ ଉର୍ଦ୍ଧ ଗଣମାଧମ ବିଶେଷଜ୍ଞ, ରେଡ଼ିଓ ପ୍ରସାରକ, ସାମ୍ବାଦିକ, ସମାଜସେବୀ, ଶିକ୍ଷାବିତ ଆଦି ଯୋଗ ଦେଇଥିଲେ ଓ ସମଗ୍ର ଏସିଆ ମହାଦେଶରେ ଏଭଳି ପ୍ରୟାସ କାର୍ଯ୍ୟରତ ସାମ୍ବାଦିକ ଏବଂ ଆଗାମୀ ଯୁବ ସାମ୍ବାଦିକମାନଙ୍କର ତାଲିମ ଏବଂ ଦକ୍ଷତା ବୃଦ୍ଧି କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା କହିଥିଲେ ଓ ଏସିଆ ସେଣ୍ଟର ଫର କମ୍ୟୁନିଟି ମିଡ଼ିଆ ପାଇଁ ସରକାରୀ ସ୍ତରରେ ଯଥା ସମ୍ଭବ ସାହାଯ୍ୟ ଓ ସହଯୋଗ ଯୋଗାଇଦେବା ପାଇଁ ମନ୍ତ୍ରୀ ତୁଷାରକାନ୍ତି ବେହେରା ପ୍ରତିଶୃତି ଦେଇଥିଲେ ଓ ଓଡିଶା ଗୋଷ୍ଠୀବେତାର ମହାସଂଘର ସଭାପତି ଏସ ଏ ସଫିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେପୁରୀ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଶ୍ରୀଯୁକ୍ତ ସ୍ୱାଧୀନ ନାୟକ, ବରିଷ୍ଠ ସାମ୍ବାଦିକ ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ରପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ ଓ ବରିଷ୍ଠ ସମାଜସେବୀ ଓ ସାମ୍ବାଦିକ ୟଙ୍ଗ ଇଣ୍ଡିଆର ସଭାପତି ଏନ ଏ ଶାହା ଅନସାରୀଏହି କେନ୍ଦ୍ରର ଆଭିମୁଖ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ ।

# ସପ୍ତଦିବସୀୟ ପ୍ରବଚନ କାର୍ଯ୍ୟକ୍ରମ ଉଦ୍‌ଯାପିତ

ଖୋର୍ଦ୍ଧା,(ପି.ଏନ): ଜୟୀରାଜଗୁରୁ ଟାଉନ ହଲରେ ଚାଲିଥିବା ପୂଜନୀୟା ରାସେଶ୍ୱରୀ ଦେବୀଜୀଙ୍କ ଦ୍ୱାରା ସପ୍ତଦିବସୀୟ ଦାର୍ଶନିକ ପ୍ରବଚନ କାର୍ଯ୍ୟକ୍ରମରେ ସମାପ୍ତି ଘଟିଛି। ଏହି କାର୍ଯ୍ୟକ୍ରମର ଉଦ୍‌ଯାପନି ସନ୍ଧ୍ୟାରେ ପୂର୍ବଦିନ ମାନଙ୍କ ତୁଳନାରେ ଶ୍ରଦ୍ଧାଳୁମାନଙ୍କର ବେଶ୍ ଭିଡ଼ ହୋଇଥିଲା। ଗତ ୭ ଦିନ ଧରି ଏହି ପ୍ରବଚନ ଶୃଙ୍ଖଳାର ସହ ଶେଷ ସନ୍ଧ୍ୟାରେ ସ୍ରୋତାମାନଙ୍କ ଉଦ୍ଦେଶ୍ୟରେ ଦେବୀଜୀ କହିଥିଲେ ଯେ ବେଦଶାସ୍ତ୍ରରେ ଭଗବତ ପ୍ରାପ୍ତିର ବିଭିନ୍ନ ଉପାୟ ବା ମାର୍ଗ ଲେଖା ଯାଇଥିଲେ ବି ଭକ୍ତି ମାର୍ଗ ହେଉଛି ସର୍ବ ସୁଗମ ଏବଂ ସର୍ବ ସୁଲଭ ଭକ୍ତର ଭକ୍ତି ଅଥବା ପ୍ରେମରେ ହିଁ ଭଗବାନ ପ୍ରସନ୍ନ ହୋଇଥାନ୍ତି। ଆମ ମାନଙ୍କ ମନରେ ସାଧାରଣ ଭାବେ ପ୍ରଶ୍ନ ଉଠିଥାଏ ଯେ, ସଂସାରର ସବୁ କର୍ତବ୍ୟ କରିବା ସହିତ ଭକ୍ତି କିପରି କରି ହେବ ବା ଭକ୍ତିମାର୍ଗରେ ଜଣେ କିପରି ଭାବରେ ଆଗେଇ ପାରିବ। ଏହାର ସରଳ ସମାଧାନରେ ବିଭିନ୍ନ ପ୍ରକାରର ଉଦାହରଣ ପୂଜନୀୟା ଦେବୀଜୀ କହିଥିଲେ ଯେ, ଭଗବାନ କେବେ ବି ଆମମାନଙ୍କ ଶରୀର୍ ଶାରୀରିକ କ୍ରିୟା କର୍ମକୁ ଦେଖନ୍ତି ନାହିଁ ସେ କେବଳ ଆମ୍ ମନର ଶ୍ରଦ୍ଧା ବା ଭକ୍ତି ଭାବକୁ ହିଁ ଦେଖିଥାନ୍ତି। ସେଥିପାଇଁ ଆମେ ଶରୀର ଦ୍ୱାରା ସଂସାର ପାଇଁ କର୍ତବ୍ୟ ଏବଂ ମନରେ ଭଗବାନଙ୍କୁ ଭକ୍ତି କରିବା ଉଚିତ। ପ୍ରତିଟି ଯୁଗରେ ସେହି ଯୁଗ ଅନୁସାରେ ଯୁଗ ଧର୍ମ ନିର୍ଦ୍ଧାରିତ କରାଯାଇଛି। ସତ୍ୟ ଯୁଗରେ ଧ୍ୟାନ ତ୍ରେତା ଯୁଗରେ ଯଜ୍ଞ ଏବଂ ଦ୍ୱାପର ଯୁଗରେ ପୂଜା, କଳି ଯୁଗରେ ଯୁଗ ଧର୍ମ ହେଉଛି ନାମ ସଂକିର୍ତନ। କାର୍ଯ୍ୟକ୍ରମର କର୍ମକର୍ତାମାନେ ଜଣାଇଛନ୍ତି ଯେ, ଆଗାମୀ ୬ ଏବଂ ୭ ତାରିଖ ପୂଜନୀୟା ଦେବୀଜୀ ଖୋରଧାରେ ଅବସ୍ଥାନ କରିବେ ଏବଂ ଏହି ଦୁଇଦିନ ନିଜର ଉପସ୍ଥିତିରେ ପ୍ରକୃତ ଶାସ୍ତ୍ରୀୟ ପଦ୍ଧତି ଅନୁସାରେ ନାମ ସଂକିର୍ତନର ବ୍ୟବହାରିକେ ପ୍ରୟୋଗ ବିଷୟରେ ଅବଗତ କରାଇବେ। ଆଜିର ଏହି ଉଦ୍‌ଯାପନି ସନ୍ଧ୍ୟାରେ ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି କାର୍ଯ୍ୟକ୍ରମ ଶେଷରେ ମଂଚାସିନ ଦେବୀଜୀଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଏହି ୭ ଦିନର କାର୍ଯ୍ୟକ୍ରମରେ ସହସ୍ରାଧିକ ଶ୍ରଦ୍ଧାଳୁଙ୍କ ମନରେ ଭକ୍ତିର ଧାରା ଉପୁଯାଇବା ନେଇ ବିଶେଷ ଭାବେ ଶ୍ରଦ୍ଧାଯୁକ୍ତ ଧନ୍ୟବାଦ ଜଣାଇଥିଲେ। ଖୋରଧା ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର ଏବଂ ତାଙ୍କର ଧର୍ମପତ୍ନୀ ମମତା ଦେ, ଖୋରଧା ପୌରପରିଷଦ ଉପାଧ୍ୟକ୍ଷ ସୌର୍ଯ୍ୟ ରଂଜନ ମହାନ୍ତି, ତହସିଲଦାର ବିଭାଷ ରଂଜନ ପାଣିଗ୍ରାହୀ, ଟାଙ୍ଗୀ ବ୍ଲକ୍ ଅଧ୍ୟକ୍ଷ ରିସ୍ମା ମାଧାତା, ଖୋରଧା ବ୍ଲକ ଅଧ୍ୟକ୍ଷା ଶ୍ରୀମୟୀ ପ୍ରିୟଦର୍ଶନୀ, ଖୋରଧା ମଣ୍ଡଳ ଉନ୍ନୟନ ଅଧିକାରୀ କ୍ଷୀରାବ୍ଧି ତନୟା ସାହୁ, ନୟାଗଡ଼ର ଅତିରିକ୍ତ ପୁଲିସ ଅଧିକ୍ଷକ ଉମାକାନ୍ତ ମଲ୍ଲିକ୍, ବି.ଏମ.ସି ଟାଉନ ପ୍ଲାନର ଡ଼.ଲିଙ୍ଗରାଜ ପ୍ରସାଦ ପଟ୍ଟନାୟକ ଏବଂ ବ୍ରଜଗୋପିକା ସେବା ମିଶନର ସ୍ଥାନୀୟ ସଂଯୋଜକ ଦୁର୍ଯ୍ୟୋଧନ ସାହୁ, ପୂଜନୀୟା ଦେବୀଜୀଙ୍କ ଠାରୁ ଆଶୀର୍ବାଦ ଗ୍ରହଣ କରିଥିଲେ।

# ବିପ୍ଳବୀ ଧରଣୀଧରଙ୍କ ଜୟନ୍ତୀ ମହାସମାରୋହ ପାଳିତ

କେନ୍ଦୁଝର,(ପି.ଏନ): ମହାନ ବିପ୍ଳବୀ ଧରଣୀଧରଙ୍କ ୧୫୯ ତମ ଜିଲ୍ଲାସ୍ତରୀୟ ଜୟନ୍ତୀ ସମାରୋହ ତା ୦୫.୦୫.୨୦୨୩ ରିଖ ଶୁକ୍ରବାର ଦିନ ଜିଲ୍ଲା ପ୍ରଶାସନ ଆନୁକୁଲ୍ୟରେ ଓ ଭୂୟାଁ ସାଂସ୍କୃତିକ ସଂଗଠନ, କେନ୍ଦୁଝର ଏବଂ ଧରଣୀଧର ଆଂଚଳିକ ବିକାଶ ପରିଷଦ କୁସୁମିତା ସହଯୋଗରେ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଅବସରରେ ବିପ୍ଳବୀ ଧରଣୀଧରଙ୍କ ଜନ୍ମସ୍ଥାନ କୁସୁମିତା ଗ୍ରାମ (ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ, ଉପର କୁସୁମିତା)ଠାରେ ଜିଲ୍ଲାପାଳ ଆଶିଷ ଠାକରେଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଜିଲ୍ଲାସ୍ତରୀୟ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପାଟଣା ବିଧାୟକ ତଥା ଜିଲ୍ଲା ଯୋଜନା କମିଟି କେନ୍ଦୁଝରର ଅଧ୍ୟକ୍ଷ ଜଗନ୍ନାଥ ନାଏକ ଉଦ୍‌ବୋଧନ ଦେଇ ବିପ୍ଳବୀ ଧରଣୀଧର ଜିଲ୍ଲା ବାହାରେ କେନ୍ଦୁଝର ଜିଲ୍ଲାର ଗର୍ବ ଓ ଗୌରବ, ସ୍ପର୍ଦ୍ଧା ଓ ସ୍ୱାଭିମାନର ପ୍ରତୀକ ବୋଲି କହିଥିଲେ । ଧରଣୀଧର ଜୟନ୍ତୀ ପାଳନକୁ ପୂଜ୍ୟ ପୂଜାର ମହାନ୍ ପରଂପରା ଭାବେ ଅଭିହିତ କରି ବିପ୍ଳବୀ ଧରଣୀଧରଙ୍କ ତ୍ୟାଗ, ତିତିକ୍ଷା, ସଂଗ୍ରାମ, ଆଦର୍ଶ, ବ୍ୟକ୍ତିତ୍ୱ ଓ ନେତୃତ୍ୱ ସବୁବେଳେ ପ୍ରେରଣା ଯୋଗାଉଥିବ ବୋଲି ମତବ୍ୟକ୍ତ କରିଥିଲେ । ଇଂରେଜ୍ ସମର୍ଥିତ ରାଜତନ୍ତ୍ରର ଅନ୍ୟାୟ, ଅତ୍ୟାଚାର ବିରୁଦ୍ଧରେ ଧରଣୀଧରଙ୍କ ସଂଗ୍ରାମ ଭାରତ ଇତିହାସରେ ଏକ ଯୁଗାନ୍ତକାରୀ ଘଟଣା । କେନ୍ଦୁଝର ଜିଲ୍ଲାରେ ବିକାଶ ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରବର୍ତିତ ବିଭିନ୍ନ ଯୋଜନା ଏବଂ ଜିଲ୍ଲା ପ୍ରଶାସନ ର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ ହୋଇ ଏହାର ସୁଫଳ ନେବା ସହିତ କେନ୍ଦୁଝର ଜିଲ୍ଲାକୁ ଏକ ଅଗ୍ରଣୀ ଜିଲ୍ଲାରେ ପରିଣତ କରିବାପାଇଁ ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଆହ୍ୱାନ ଜଣାଇଥିଲେ। ଏତଦ୍‌ବ୍ୟତୀତ କୁସୁମିତା ଗ୍ରାମର ସାମଗ୍ରିକ ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ । ସମ୍ମାନିତ ଅତିଥି ଭାବେ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷା ସୁଶ୍ରୀ ଲକ୍ଷ୍ମୀ ନାଏକ, କେନ୍ଦୁଝର ଲୋକସଭା ସଦସ୍ୟା ସୁଶ୍ରୀ ଚନ୍ଦ୍ରାଣୀ ମୁର୍ମୁ, ତେଲକୋଇ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରେମାନନ୍ଦ ନାୟକ, ଆନନ୍ଦପୁର ବିଧାୟକ ଭାଗିରଥି ସେଠୀ, କେନ୍ଦୁଝର ସଦର ପଂଚାୟତ ସମିତି ଅଧ୍ୟକ୍ଷା ଶ୍ରୀମତୀ ଜ୍ୟୋତିର୍ମୟୀ ନାଏକ ବକ୍ତବ୍ୟ ପ୍ରଦାନ କରି ଧରଣୀଧରଙ୍କୁ ଅତ୍ୟାଚାରିତ ସମାଜର ତ୍ରାଣକର୍ତା ଭାବେ ବର୍ଣ୍ଣନା କରିବା ସହିତ ଇଂରେଜ୍ ସମର୍ଥିତ ରାଜତନ୍ତ୍ରର ଅନ୍ୟାୟ, ଅନୀତି, ବେଠି, ବ୍ୟଭିଚାର ଏବଂ ପ୍ରଜାବିରୋଧି ଶାସନ ବିରୋଧରେ କିପରି ଆଦିବାସୀମାନଙ୍କୁ ସଂଗଠିତ କରି ବିପ୍ଳବ କରିଥିଲେ ତାହା ଅବତାରଣା କରିଥିଲେ । ବିପ୍ଳବୀ ଧରଣୀଧରଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରି ତାଙ୍କର କୃତୀକୁ ସ୍ମରଣ କରିବା ସହିତ ଧରଣୀଧରଙ୍କ ଆଦର୍ଶକୁ ପାଥେୟ କରି କାର୍ଯ୍ୟ କରିବାକୁ ଜନସାଧାରଣଙ୍କୁ ଆହ୍ୱାନ ଜଣାଇଥିଲେ । କେନ୍ଦୁଝର ଜିଲ୍ଲାରେ ଉପଲବ୍ଧ ସମ୍ବଳର ସଦୁପଯୋଗକରି ଜିଲ୍ଲାକୁ ଏକ ସମୃଦ୍ଧଶାଳୀ ଜିଲ୍ଲାରେ ପରିଣତ କରିବା ପାଇଁ ଆହ୍ୱାନ ଜଣାଇଥିଲେ। ଏତଦବ୍ୟତୀତ ବିପ୍ଳବୀ ଧରଣୀଧରଙ୍କ ସ୍ମୃତିକୁ ଉଜ୍ଜୀବିତ କରିବା ପାଇଁ ରାଜ୍ୟ ସରକାର ଏବଂ କେନ୍ଦୁଝର ଜିଲ୍ଲା ପ୍ରଶାସନ ନେଉଥିବା ପଦକ୍ଷେପ ସଂପର୍କରେ ଆଲୋକପାତ କରିଥିଲେ। ଜନଜାତିମାନଙ୍କର ବିକାଶ ସହିତ ଧରଣୀଧରଙ୍କ ଜନ୍ମସ୍ଥାନ କୁସୁମିତା ଅଂଚଳର ସାମଗ୍ରିକ ବିକାଶ ଉପରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ । ଜିଲ୍ଲାପାଳ ଆଶିଷ ଠାକରେ ନିଜ ଅଭିଭାଷଣରେ ଧରଣୀଧରଙ୍କ କୃତୀ ଓ କୀର୍ତି ଚିରଦିନ ପାଇଁ ଇତିହାସରେ ଲିପିବଦ୍ଧ ହୋଇ ରହିବ ବୋଲି କହିବା ସହିତ ଧରଣୀଧରଙ୍କ ସ୍ୱାଭିମାନ ଓ ତାଙ୍କ ଆଦର୍ଶର ଗାରିମା ଉପରେ ଆଲୋକପାତ କରିଥିଲେ । ବିପ୍ଳବୀ ଧରଣୀଧରଙ୍କ ଆଦର୍ଶରେ ଅନୁପ୍ରାଣିତ ହେଲେ ତାହା ତାଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଳି ହେବ ବୋଲି ଜିଲ୍ଲାପାଳ ଶ୍ରୀ ଠାକରେ ମତବ୍ୟକ୍ତ କରିଥିଲେ। ଏତଦ୍‌ବ୍ୟତୀତ ସରକାରଙ୍କ ପକ୍ଷରୁ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ଏବଂ ଜିଲ୍ଲା ପ୍ରଶାସନ ତରଫରୁ ହାତକୁ ନିଆଯାଉଥିବା ବିଭିନ୍ନ କାର୍ଯ୍ୟକ୍ରମର ସଫଳ ରୂପାୟନ ସହିତ ଜିଲ୍ଲାକୁ ପ୍ରଗତି ପଥରେ ଆଗେଇ ନେବା ପାଇଁ ଜିଲ୍ଲାବାସୀଙ୍କ ସକ୍ରିୟ ସହଯୋଗ କାମନା କରିଥିଲେ। ବିଶେଷତଃ ଜିଲ୍ଲାର ଜନଜାତି ବର୍ଗର ଜନସାଧାରଣ, ଛାତ୍ରଛାତୀ ଓ ଯୁବକ ଯୁବତୀମାନଙ୍କର ବିକାଶ,ଶିକ୍ଷାନୁଷ୍ଠାନମାନଙ୍କର ବିକାଶ, ଧରଣୀଧରଙ୍କ ଜନ୍ମସ୍ଥାନ କୁସୁମିତା ଅଂଚଳର ବିକାଶ ପାଇଁ ନିଆଯାଉଥିବା ବିଭିନ୍ନ କାର୍ଯ୍ୟକ୍ରମ ସଂପର୍କରେ ସୂଚନା ଦେଇଥିଲେ। କୁସୁମିତା ଗ୍ରାମର ବିକାଶ ପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଉଛି । ଡି.ଏମ୍.ଏଫ୍. ସହଯୋଗରେ ରାଇସୁଆଁଠାରୁ କୁସୁମିତା ପର୍ଯ୍ୟନ୍ତ ରାସ୍ତାକୁ ପାହାଡ କାଟି ସୁନ୍ଦର ରାସ୍ତାର ନିର୍ମାଣ କରାଯାଇଛି । ଏହି ରାସ୍ତାକୁ ବିପ୍ଳବୀ ଧରଣୀଧରଙ୍କ ନାମରେ ନାମିତ କରାଯାଇଛି ବୋଲି ଜିଲ୍ଲାପାଳ କହିଥିଲେ । କୁସୁମିତା ଗ୍ରାମରେ ଏକ ପ୍ରମୋଦ ଉଦ୍ୟାନର ନିର୍ମାଣ କାର୍ଯ୍ୟ ଜୋର୍‌ସୋର୍‌ରେ ଚାଲିଛି । ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ପରିଚାଳିତ ଉଚ୍ଚ ବିଦ୍ୟାଳୟର ରୂପାନ୍ତରଣ ୫-ଟି ଉପକ୍ରମରେ କରାଯାଇଛି ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପରିଚାଳିତ ଉଚ୍ଚ ବିଦ୍ୟାଳୟର ରୂପାନ୍ତରଣ କାର୍ଯ୍ୟ ଅତିଶିଘ୍ର ଶେଷ ହେବ ବୋଲି ଜିଲ୍ଲାପାଳ କହିଥିଲେ । ଏତଦ୍‌ବ୍ୟତୀତ କୁସୁମିତାଠାରେ ମୋବାଇଲ୍ ନେଟ୍‌ୱାର୍କ ବ୍ୟବସ୍ଥା ଅତିଶୀଘ୍ର ଉପଲବ୍ଧ ହେବ। ଏ ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରାଯାଇଛି । କୁସୁମିତା ଗ୍ରାମର ସାମଗ୍ରିକ ବିକାଶ କରାଯାଇ ଏହାକୁ ଏକ ଆଦର୍ଶ ଗ୍ରାମରେ ପରିଣତ କରାଯିବ ବୋଲି ଜିଲ୍ଲାପାଳ ଶ୍ରୀ ଠାକରେ କହିଥିଲେ। ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିବା ସହ ବିପ୍ଳବୀ ଧରଣୀଧରଙ୍କ ସ୍ମୃତି ରକ୍ଷା ଉଦ୍ଦେଶ୍ୟରେ ନିଆଯାଉଥିବା ପଦକ୍ଷେପ ସଂପର୍କରେ ସୂଚନା ଦେଇଥିଲେ। ଏହି ସମାରୋହରେ ଭୂୟାଁ ସାଂସ୍କୃତିକ ସଂଗଠନ କେନ୍ଦୁଝରର ସଭାପତି ହରିଶଙ୍କର ନାଏକ ବକ୍ତବ୍ୟ ପ୍ରଦାନ କରିଥିବାବେଳେ ସାଧାରଣ ସଂପାଦକ ଶ୍ୟାମ ସୁନ୍ଦର ନାଏକ ବିବରଣୀ ଉପସ୍ଥାପନ କରିଥିଲେ । ଉପ ନିର୍ଦ୍ଦେଶକ ସୂଚନା ଓ ଲୋକ ସଂପର୍କ ସଂଜୀବ ବାରିକ ଅତିଥି ପରିଚୟ ପ୍ରଦାନ କରିବା ସହ ସମାରୋହର ସଂଚାଳନା କରିଥିଲେ । ପି.ଏ.,ଆଇ.ଟି.ଡିଏ., କେନ୍ଦୁଝର ତପନ କୁମାର ନାଏକ ନିଜ ବିଭାଗର କାର୍ଯ୍ୟାବଳୀ ସଂପର୍କରେ ସୂଚନା ଦେବା ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ଡି.ଏଫ୍.ଓ. ଧନରାଜ ଏଚ୍.ଡି., ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ସୁଷମା ବିଲୁଙ୍ଗ୍, କେନ୍ଦୁଝର ଉପଜିଲ୍ଲାପାଳ ରାମଚନ୍ଦ୍ର କିସ୍କୁ, ଭୂୟାଁ ସର୍ଦ୍ଦାର କୁ ଦେହୁରୀ, ଧରଣୀଧର ଆଂଚଳିକ ବିକାଶ ସମିତିର ସଭାପତି ନିଶାକର ନାଏକ ଏବଂ ବିପ୍ଳବୀ ଧରଣୀଧରଙ୍କ ଦାୟାଦ ଭୂୟାଁ ସର୍ଦ୍ଦାର କଳାକାର ନାଏକ ମଂଚାସୀନ ଥିଲେ । ଧରଣୀଧରଙ୍କ ଜୀବନାଦର୍ଶର ପ୍ରଚାର ପ୍ରସାର କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବାଂଶପାଳ ଗ୍ରାମ ଅର୍ନ୍ତଗତ କୁଶକଳା ଗ୍ରାମର ସ୍ୱର୍ଗତ ଅନ୍ଧାରୁ ପ୍ରଧାନଙ୍କୁ ମରଣତୋର ଭାବେ ନ୍ତଧରଣୀଧର ସମ୍ମାନନ୍ତ ପ୍ରଦାନ କରାଯାଇଥିଲା । ସ୍ୱର୍ଗତ ପ୍ରଧାନଙ୍କ ଧର୍ମପତ୍ନୀ ଶ୍ରୀମତୀ ଅପର୍ଣ୍ଣା ନାଏକ ଏହି ସମ୍ମାନ ଗ୍ରହଣ କରିଥିଲେ । ଏତଦ୍‌ବ୍ୟତୀତ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା / ଉତ୍କର୍ଷତା ହାସଲ କରିଥିବା ଜନଜାତି ବର୍ଗର ବ୍ୟକ୍ତି ବିଶେଷ, ଅନୁଷ୍ଠାନ, ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ୨୦୨୨ ମସିହା ହାଇସ୍କୁଲ୍ ସାର୍ଟିଫିକେଟ୍ ପରୀକ୍ଷାରେ କେନ୍ଦୁଝର ଜିଲ୍ଲାରେ ସର୍ବୋଚ୍ଚ ନମ୍ବର ରଖିଥିବା ଜନଜାତି ବର୍ଗର ଛାତ୍ରଛାତ୍ରୀ, ଭୂୟାଁ ବର୍ଗର ଛାତ୍ରଛାତ୍ରୀ, +୨ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରଛାତ୍ରୀ, ୫ ଜଣ ଅଗ୍ରଣୀ ଚାଷୀ, ଜଣେ ଉଦ୍ୟୋଗୀ, ୦୬ ଗୋଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ସମ୍ବର୍ଦ୍ଧିତ କରାଯାଇଥିଲା । ଓରମାସ୍‌ର ଯୁଗ୍ମ ମୁଖ୍ୟ ନିର୍ବାହୀ ଅଧିକାରୀ ସପନ ଗୋସ୍ୱାମୀ, ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ଡି.ପି.ଏମ୍. ମିଶନ ଶକ୍ତି ଶିଶିର ଷଡଙ୍ଗୀ, ଭୂୟାଁ ସାଂସ୍କୃତିକ ସଂଗଠନର କର୍ମକର୍ତା ଏବଂ ଧରଣୀଧର ଆଂଚଳିକ ବିକାଶ ପରିଷଦ, କୁସୁମିତାର କର୍ମକର୍ତା ସମାରୋହ ଆୟୋଜନ ଓ ପରିଚାଳନାରେ ସହଯୋଗ କରିଥିଲେ । ବିପ୍ଳବୀ ଧରଣୀଧର ଜୟନ୍ତୀ ପାଳନ ଅବସରରେ ଧରଣୀଧରଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ବିପ୍ଳବୀ ଧରଣୀଧର ଜୟନ୍ତୀ ପାଳନ ଅବସରରେ ରାଇସୁଆଁ-କୁସୁମିତା ପୂର୍ତବିଭାଗ ରାସ୍ତାକୁ ନ୍ତବିପ୍ଳବୀ ଧରଣୀଧର ମାର୍ଗନ୍ତ ନାମରେ ନାମିତ କରାଯାଇ ଅତିଥିମାନଙ୍କ ଦ୍ୱାରା ଲୋକାର୍ପଣ କରାଯାଇଥିଲା।




2023-2024



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com

Find us on
Facebook.com/Mps, Baripada

# ଖେଳ

ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ 25

PARYABEKHYAK

ପର୍ଯ୍ୟବେକ୍ଷକ

Bhubaneswar Saturday May 06, 2023 | ଭୁବନେଶ୍ୱର ଶନିବାର, ମଇ ୦୬,୨୦୨୩ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com



## ଜେଏସଡବ୍ଲ୍ୟୁ ପକ୍ଷରୁ ଡ୍ରାଇଭରମାନଙ୍କୁ ୧୦୦ ଦିନ ପାଇଁ ବିସ୍କୁଟ ଓ ପାଣି ବୋତଲ ବଣ୍ଟନ



ପାରାଦୀପ,(ପି.ଏନ): ଜେଏସଡବ୍ଲ୍ୟୁ ଷ୍ଟିଲ୍ ପକ୍ଷରୁ ପାରାଦୀପ ଟର୍ମିନାଲ ପରିସରରେ କାର୍ଯ୍ୟରତ ସମସ୍ତ ଡ୍ରାଇଭରମାନଙ୍କୁ ବିସ୍କୁଟ ଓ ପାଣି ବୋତଲ ପ୍ରଦାନ କରାଯାଇଛି । ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ ରାଜ୍ୟ ବାହାରୁ ଲୁହାପଥର ଆଣି ଆସୁଥିବା ଟ୍ରକ୍ ଡ୍ରାଇଭରମାନେ ଦୀର୍ଘ ସମୟ ଧରି ରାସ୍ତାରେ ତଥା ବନ୍ଦର ଫାଟକ ନିକଟରେ ଦୀର୍ଘ ସମୟ ଧରି ଅପେକ୍ଷା କରି ରହିଥାନ୍ତି । ଏହି ସମୟରେ ସେମାନେ ଖାଦ୍ୟ ଓ ପାନୀୟ ନେଇ ବହୁ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି । ଏହାକୁ ଦୃଷ୍ଟିରେ ରଖି ଜେଏସଡବ୍ଲ୍ୟୁ କମ୍ପାନୀ ପକ୍ଷରୁ ପିଟିପିଏଲ୍‌କୁ ଆସୁଥିବା ଦୈନିକ ଶତାଧିକ ଟ୍ରକ୍ ଡ୍ରାଇଭରମାନଙ୍କୁ ବିସ୍କୁଟ ଓ ପାଣି ବୋତଲ ପ୍ରଦାନ କରାଯାଇଛି । ଦୈନିକ ଦୁଇ ବେଳା ଏହି ବ୍ୟବସ୍ଥା କରାଯାଇଛି । ପ୍ରତିଦିନ ପ୍ରାୟ ଛଅ ଶହ ଡ୍ରାଇଭରମାନଙ୍କୁ ଏହି ବିସ୍କୁଟ ଓ ପାଣି ବୋତଲ ଦିଆଯାଉଛି । ପ୍ରାୟ ୬୦ ହଜାର ବିସ୍କୁଟ ପ୍ୟାକେଟ୍ ଓ ସେହି ପରିମାଣର ପାଣି ବୋତଲ ଦିଆଯିବାକୁ ଲକ୍ଷ୍ୟ ରଖାଯାଇଥିବା କମ୍ପାନୀ ପକ୍ଷରୁ ସୂଚନା ମିଳିଛି । କମ୍ପାନୀର ଏଭଳି ଲୋକାଭିମୁଖୀ କାର୍ଯ୍ୟକୁ ଡ୍ରାଇଭରମାନେ ଉଚ୍ଚ ପ୍ରଶଂସା କରିଛନ୍ତି ।

## କିଟ୍‌ରେ ୪ର୍ଥ ଲୋକସମ୍ପର୍କ ସମ୍ମିଳନୀ : ଭାବମୂର୍ତ୍ତି ତିଆରିରେ ଲୋକସମ୍ପର୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ



ଭୁବନେଶ୍ୱର,(ପି.ଏନ): ବ୍ୟକ୍ତିଗତ ହେଉ ବା ଆନୁଷ୍ଠାନିକ, ରାଜ୍ୟ ଓ ଦେଶର ଦୈନନ୍ଦିନ କାର୍ଯ୍ୟ ଓ ଭାବମୂର୍ତ୍ତି ତିଆରିରେ ଲୋକ ସମ୍ପର୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଛନ୍ତି। ଆଜି କିଟ୍ ସ୍କୁଲ ଅଫ୍ ମାସ୍ କମ୍ୟୁନିକେସନ୍ ପକ୍ଷରୁ ଆୟୋଜିତ ୪ର୍ଥ ଲୋକସମ୍ପର୍କ ସମ୍ମିଳନୀକୁ ଉଦ୍‌ଘାଟନ କରି ଶ୍ରୀ ସାମନ୍ତ କହିଲେ, କିଟ୍ ବିଶ୍ୱବିଦ୍ୟାଳୟରେ ବର୍ଷତମାମ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। କିଟ୍ ମାସ୍ କମ୍ୟୁନିକେସନ୍ ସ୍କୁଲ୍‌ର ଛାତ୍ରଛାତ୍ରୀମାନେ ଏହାର ସୁଯୋଗ ନେବା ଉଚିତ। ଫଳରେ ସେମାନେ ସାମ୍ବାଦିକତା ଓ ଗଣ ଯୋଗାଯୋଗ କ୍ଷେତ୍ରରେ ସେମାନଙ୍କ ଦକ୍ଷତା ପ୍ରତିପାଦିତ କରିପାରିବେ। ସମ୍ମିଳନୀରେ ଅନ୍ୟତମ ଅତିଥି ଭାବେ ଢେଙ୍କାନାଳସ୍ଥିତ ଆଇଆଇଏମ୍‌ସିର ଆଞ୍ଚଳିକ ନିର୍ଦ୍ଦେଶକ ଡ. ମୃଣାଳ ଚାଟାର୍ଜୀ କହିଲେ, ଲୋକସମ୍ପର୍କ ବୁଝି ହେଉ ନ ଥିବା ଭଳି ଏକ ବୃତ୍ତି ମଧ୍ୟରୁ ଅନ୍ୟତମ। କିନ୍ତୁ ଏହା ଏକ ଅନୁଷ୍ଠାନର ଆଖି ଓ କାନ ଭାବେ କାର୍ଯ୍ୟ କରିଥାଏ। ଏବେ ବି ଲୋକସମ୍ପର୍କ ବିଷୟରେ ଛାତ୍ରଛାତ୍ରୀଙ୍କୁ କିଭଳି ଶିକ୍ଷାଦାନ କରାଯିବ ସେ ନେଇ ଆମେ ଅସ୍ପଷ୍ଟ ବୋଲି ସେ କହିଥିଲେ। ସେହିପରି କୋଲକାତାସ୍ଥିତ ଏସ୍‌ଆର୍‌ଏଫ୍‌ଟିଆଇର ନିର୍ଦ୍ଦେଶକ ପ୍ରଫେସର ହିମାଂଶୁ ଖଟୁଆ କହିଲେ, କିଟ୍ ହେଉଛି ଶୃଙ୍ଖଳା, ଭିତ୍ତିଭୂମି ଓ ବିଭିନ୍ନ ସୁବିଧା ଯୋଗାଇ ଦେବା କ୍ଷେତ୍ରରେ ଏକ ଅଗ୍ରଣୀ ଅନୁଷ୍ଠାନ। ଛାତ୍ରଛାତ୍ରୀମାନେ ପାରସ୍ପରିକ ସମ୍ପର୍କକୁ ଦୃଢ଼ କରିବା ଉପରେ ସେ ଜୋର ଦେଇଥିଲେ। କିଟ୍‌ର ଗଣମାଧ୍ୟମ ଛାତ୍ରଛାତ୍ରୀମାନେ ଦକ୍ଷତା ବିକାଶ ନିମନ୍ତେ ବିଭିନ୍ନ ଟିଭି ଚ୍ୟାନେଲ୍ ଓ ରେଡ଼ିଓ ଷ୍ଟେସନ୍, ଡିଜିଟାଲ୍ ମିଡ଼ିଆ ଓ କିଟ୍‌ର ଲୋକସମ୍ପର୍କ ବିଭାଗ ଆଦିରେ ଥିବା ସୁଯୋଗର ସଦୁପଯୋଗ କରିବା ଉଚିତ୍ ବୋଲି ସେ କହିଥିଲେ। କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସସ୍ମିତାରାଣୀ ସାମନ୍ତ କହିଲେ, ମାନବ ସଭ୍ୟତା ଆରମ୍ଭରୁ ଆଜି ପର୍ଯ୍ୟନ୍ତ ଯୋଗଯୋଗ ଉପରେ ଗୁରୁତ୍ୱ ଦେଇ ଆସିଛି। ପରବର୍ତ୍ତୀ ଅବସ୍ଥାରେ ଏହା ସମ୍ପର୍କରେ ରୂପାନ୍ତରିତ ହୋଇଛି। ଆମେ କେବଳ ସମ୍ପର୍କ ପାଇଁ କାମ କରୁଛୁ, ଶିକ୍ଷା ଲାଭ କରୁଛୁ ଏବଂ ଜୀବନଧାରଣ କରୁଛୁ। ଲୋକସମ୍ପର୍କ ହେଉଛି ଏହାର ଏକ ଅଂଶବିଶେଷ ବୋଲି ସେ କହିଥିଲେ। ପବ୍ଲିକ୍ ରିଲେସନ୍‌ସ ସୋସାଇଟି ଅଫ୍ ଇଣ୍ଡିଆ ଭୁବନେଶ୍ୱର ଶାଖାର ଉପାଧ୍ୟକ୍ଷ ସୁଧୀର ରଞ୍ଜନ ମିଶ୍ର ଦୈନନ୍ଦୀନ ଜୀବନରେ ଲୋକସମ୍ପର୍କ ବୃତ୍ତିରେ କାର୍ଯ୍ୟ କରୁଥିବା ଲୋକମାନେ ଯେଉଁ ସବୁ ଚ୍ୟାଲେଞ୍ଜର ସମ୍ମୁଖୀନ ହେଉଛନ୍ତି ତା ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କିଟ୍ ବିଶ୍ୱବିଦ୍ୟାଳୟ କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି, ରେଭେନ୍‌ସା ବିଶ୍ୱବିଦ୍ୟାଳୟ ସହକାରୀ ପ୍ରଫେସର ସାର୍ଥକ ଅଭ୍ୟୁଦୟ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ସହକାରୀ ପ୍ରଫେସର ନରସିଂହ ମାଝୀ, ବିର୍ଲା ଗ୍ଲୋବାଲ ବିଶ୍ୱବିଦ୍ୟାଳୟ ସହକାରୀ ପ୍ରଫେସର ଜ୍ଞାନ ରଞ୍ଜନ ମିଶ୍ର ଓ ବରିଷ୍ଠ ଲୋକସମ୍ପର୍କ ବିଶେଷଜ୍ଞ ଧରିତ୍ରୀ ଶତପଥୀ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। କିଟ୍ ମାସ୍ କମ୍ୟୁନିକେସନ୍ ସ୍କୁଲ୍‌ର ପାଠ୍ୟକ୍ରମ ସଂଯୋଜକ ଡ. ରାଜୀବ ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଡ. ବିଧୁଭୂଷଣ ଦାଶ ସମ୍ମିଳନୀର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ ଓ ଡ. ଅନିରୁଦ୍ଧ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ସନ୍ଥକବି ଭୀମ ଭୋଇଙ୍କ ରାଜ୍ୟ ସ୍ତରୀୟ ଜୟନ୍ତୀ ସମାରୋହ ପାଳିତ

ଅନୁଗୋଳ,(ପି.ଏନ):ଆଜି ପୂର୍ବାହ୍ନରେ ଅନୁଗୋଳ ଜିଲ୍ଲାର ଅଙ୍ଗାରବନ୍ଧ ମହିମା ଧାମ ପରିସରରେ ସନ୍ଥକବି ଭୀମ ଭୋଇଙ୍କ ୧୭୪ତମ ଜୟନ୍ତୀ ସମାରୋହ ଅଲେଖ ମହିମା ସାମାଜିକ ଉନ୍ନୟନ ପରିଷଦ ଓ ଅଲେଖ ମହିମା ଧାମ ପରିଚାଳନା କମିଟିର ମିଳିତ ସହଯୋଗରେ ପରିଷଦର ସଭାପତି ଗୋପାଳ ଚନ୍ଦ୍ର ନାଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଓଡିଶା ବିଧାନସଭାର ଉପବାଚସ୍ପତି ରଜନୀକାନ୍ତ ସିଂହ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ସନ୍ଥକବି ଭୀମଭୋଇ ଜଣେ ଅସାଧାରଣ ପ୍ରତିଭାର ଅଧିକାରୀ ଥିଲେ ବୋଲି ବର୍ଣ୍ଣନା କରିଥିଲେ। ମହିମା ଧର୍ମର ବିକାଶ ଓ ପ୍ରଚାର ପାଇଁ ଅଙ୍ଗାରବନ୍ଧ ମହିମା ଧାମ ଯେଉଁ ସବୁ କାର୍ଯ୍ୟକ୍ରମ ସବୁ ହାତକୁ ନେଇ ସଫଳ ରୂପାୟନ କରି ପାରୁଛି ତାର ଭୂୟସୀ ପ୍ରଶଂସା କରିବା ସହ ଏଭଳି କାର୍ଯ୍ୟକ୍ରମ ଆଗକୁ ଆହୁରି ବ୍ୟାପକ କରିବା ଦିଗରେ ମିଳିତ ଉଦ୍ୟମ ଜାରି ରହିବ ବୋଲି ଆଶା ପୋଷଣ କରିଥିଲେ। ଆଜିର ଜୟନ୍ତୀ ସମାରୋହର ମୁଖ୍ୟ ବକ୍ତାଭାବେ ଯୋଗ ଦେଇ ମହିମା ଧର୍ମର ବିଶିଷ୍ଟ ଗବେଷକ ଡଃ ଉଦ୍ଧବ ଚରଣ ନାୟକ ସନ୍ଥକବି ଭୀମଭୋଇ ଓ ମହିମା ଧର୍ମ ଉପରେ ଏକ ଦୀକ୍ଷାନ୍ତ ଆଲୋଚନା କରିବା ସହ ମହିମା ସ୍ୱାମୀ ଓ ଭୀମଭୋଇ ବିଶ୍ୱର ମଙ୍ଗଳ କାମନା କରି ଦଳିତ ନିଷ୍ପେସିତ ମାନଙ୍କ ପାଇଁ ଏକ ବର୍ତ୍ତିକା ସଦୃଶ କାର୍ଯ୍ୟ କରି ଯାଇଛନ୍ତି। ମହିମା ଧର୍ମକୁ ଏକ ବିଚାରଧାରା ବୋଲି ଅଭିହିତ କରି ମହିମା ସ୍ୱାମୀଙ୍କ ବାର୍ତ୍ତାକୁ ସନ୍ଥକବି ଭୀମଭୋଇ କବିତା ଆକାରରେ ଜଗତ ଭକ୍ତଙ୍କୁ ବିତରଣ କରିବାରେ ଯଥାର୍ଥରେ ଫଳପ୍ରଦ ହୋଇ ପାରିଛନ୍ତି ବୋଲି ପ୍ରକାଶ କରିଥିଲେ। ସନ୍ଥକବିଙ୍କ ଜୀବନାଦର୍ଶ ଓ କବି ପ୍ରତିଭା ତାଙ୍କୁ ମହାକବି ମାନ୍ୟତା ଦେଇଥିବା, ତାଙ୍କ ରଚିତ ୧୩୨ଖଣ୍ଡ କବିତା ସଙ୍କଳନ ପ୍ରମାଣିତ କରିଥିବା ପ୍ରକାଶ କରିଥିଲେ। ଏହି ଆଲୋଚନାରେ ଅନ୍ୟତମ ବକ୍ତାଭାବେ ଯୋଗ ଦେଇ ଅନୁଗୋଳ ସ୍ୱୟଂଶାସିତ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ସାନ୍ତନୁ କୁମାର ସର ମହିମା ଧର୍ମର ବିଭିନ୍ନ ବିଚାରଧାରା ଉପରେ ଆଲୋଚନା କରିବା ସହ ସନ୍ଥକବି ଭୀମଭୋଇ ଓଡିଆ ଭାଷା ସାହିତ୍ୟକୁ ସରଳ ଓ ସାବଲୀଳ ଶବ୍ଦର ଚମତ୍କାର ସଂଯୋଜନାରେ ଯେଉଁ ମହାର୍ଘ ପ୍ରଦାନ କରିଯାଇଛନ୍ତି, ତା ତାଙ୍କୁ ଚିର ଅମର କରି ରଖିବ। ଭୀମଭୋଇଙ୍କ ରଚିତ ବିଭିନ୍ନ କବିତାକୁ ଉଦ୍ଧୃତ କରି ତାଙ୍କର ନିଜକୁ ଉତ୍ସର୍ଗ କରି ବିଶ୍ୱର କଲ୍ୟାଣ ଚିନ୍ତନ କିଭଳି ସମସ୍ତ ଜନ ମାନସରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ଯାଇଛନ୍ତି ତାହା ବର୍ଣ୍ଣନା କରିଥିଲେ। ପ୍ରଥମେ ଅଙ୍ଗାରବନ୍ଧ ଧାମର ଧର୍ମାଧ୍ୟକ୍ଷ ବାବା ମୁରଲୀଧର ଦାସ ଓ ବାବା ତ୍ରିନାଥ ଦାସଙ୍କ ଦ୍ୱାରା ମଞ୍ଚ ଉଦ୍ଘାଟନ କରାଯିବା ପରେ ସଭାପତି ଶ୍ରୀ ନାଥ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅଲେଖ ମହିମା ଧାମ ପରିଚାଳନା କମିଟିର କୋଷାଧ୍ୟକ୍ଷ ବିଜ୍ଞାନୀ ବେହେରା ଧାମ ଓ ଆୟୋଜିତ କାର୍ଯ୍ୟକ୍ରମ ଉପରେ ସାମ୍ୟକ ସୂଚନା ପ୍ରଦାନ କରିଥିଲେ। ବଁଅରପାଳ ବ୍ଲକ ଅଧ୍ୟକ୍ଷ ବିଜୟ କୁମାର ନାଥ, ଅଙ୍ଗାରବନ୍ଧ ଗ୍ରାମପଞ୍ଚାୟତର ସରପଞ୍ଚ ସୁଜାତା ସାହୁ, ଅଲେଖ ମହିମା ଧାମ ପରିଚାଳନା କମିଟିର ସାଧାରଣ ସଂପାଦକ କୃଷ୍ଣ ଚନ୍ଦ୍ର ପ୍ରଧାନ ମଞ୍ଚାସୀନ ଥିଲେ। ଆସୁକବି ଡା ସତ୍ୟନାରାୟଣ ସିଂହ ସାମନ୍ତ ମହିମା ଧର୍ମ ଉପରେ ଏକ କବିତା ପାଠ କରିଥିଲେ। ଶେଷରେ ଅଲେଖ ମହିମା ଧାମ ପରିଚାଳନା କମିଟିର ସଭାପତି ଲୋକନାଥ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଅଲେଖ ମହିମା ଧାମ ପରିଚାଳନା କମିଟି ଓ ଅଲେଖ ମହିମା ସାମାଜିକ ଉନ୍ନୟନ ପରିଷଦର କର୍ମକର୍ତ୍ତାମାନେ ଉପସ୍ଥିତ ରହି ସମସ୍ତ ପ୍ରକାର ସହଯୋଗ କରି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

## ବୁଦ୍ଧ ମୂର୍ତ୍ତି ଅନାବରଣ ହେଲା

ଝୁମ୍ପୁରା,(ପି.ଏନ): ଝୁମ୍ପୁରା ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ଗୌତମ ବୁଦ୍ଧ ଙ୍କ ମୂର୍ତ୍ତୀ ବୁଦ୍ଧ ପୂର୍ଣ୍ଣିମା ଅବସରରେ ଯଥା ବିଧି ଅନାବରଣ କରାଯାଇଛି । ଦୟା,କ୍ଷମା ଓ ସତ୍ୟପଥର ପଥିକ ହେବା ପାଇଁ ସମଗ୍ରହମାନବ ସମାଜ କୁ ମାର୍ଗଦର୍ଶନ ଦେଇଥିଲେ ଗୌତମ ବୁଦ୍ଧ । ଏହା କୁ ପାଥେୟ କରି ପୂର୍ବତନ ବିଡିଓ ଉମାକାନ୍ତ ପରିଡା ଙ୍କ ଉଦ୍ୟମରେ ବ୍ଲକ କାର୍ଯ୍ୟାଳୟ ପରିସରରେ ଗୌତମ ବୁଦ୍ଧଙ୍କ ମୂର୍ତ୍ତି ପ୍ରତିଷ୍ଠା କରାଯାଇଥିଲା । ବୁଦ୍ଧ ପୂର୍ଣ୍ଣିମା ଅବସରରେ ଯଥାବିଧି ପୂଜାପାଠ କରି ଏକ ଶୁଭ ଲଗ୍ନରେ ବୁଦ୍ଧଦେବ ଙ୍କ ମୂର୍ତ୍ତି ଅନାବରଣ କରାଯାଇଛି । ଆୟୋଜିତ ଉତ୍ସବରେ ବ୍ଲକ କୋଲନୀ ଏବଂ ସ୍ଥାନୀୟ ଅଚଂଳବାସୀ ଉପସ୍ଥିତ ରହି ସହଯୋଗ କରିବା ସହିତ ଅନ୍ନପ୍ରସାଦ ଗ୍ରହଣ କରିଥିଲେ ।

## ବିପ୍ଳବୀ ଧରଣୀଧରଙ୍କର ୧୫୯ ତମ ଜୟନ୍ତୀ ପାଳନ



ଚମ୍ପୁଆ,(ପି.ଏନ): ଚମ୍ପୁଆ ଭୂୟାଁ ସାଂସ୍କୃତିକ ସଂଗଠନ ସୌଜନ୍ୟରୁ ଚମ୍ପୁଆ ଟି.ଆର୍.ସି.ସି ସୋଭା ଗୃହ ଠାରେ ବିପ୍ଳବି ଧରଣୀଧର ଭୂୟାଁଙ୍କ ୧୫୯ ତମ ଜନ୍ମ ଜୟନ୍ତି ପାଳିତ ହୋଇଯାଇଛି । ଭୂୟାଁ ସାଂସ୍କୃତିକ ସଂଗଠନ ସଭାପତି ବିଭୀଷଣ ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଜନ୍ମ ଜୟନ୍ତି ଉତ୍ସବରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ଅଂଚଳର ସୁନାମ ଧନ୍ୟ ବଡିବିଲ୍ଡର ତଥା ମିଷ୍ଟର କର୍ଣ୍ଣାଟକ ଭାବେ ଚର୍ଚ୍ଚିତ ସୁନାରାମ ପୂର୍ତ୍ତି, ସମ୍ମାନିତ ଅତିଥି ଭାବେ ଏନ୍.ଏ.ସି ଉପାଧକ୍ଷା ସୁମିତ୍ରା ବେହେରା, ପୂର୍ବତନ ସୈନିକ ସଂଘ ସଭାପତି ଚକ୍ରଧର ମହାନ୍ତ, ପ୍ରଧାନ ଆଚାର୍ଯ୍ୟ ଧରଣୀଧର ଦାସ ଓ ରଘୁନାଥ ତିରାଇ ପ୍ରମୁଖ ଯୋଗ ଦେଇ ଇଂରେଜ ଶାସନର ଅନ୍ୟାୟ ଅତ୍ୟାଚାର ବିରୁଦ୍ଧରେ ଭୂୟାଁ ସମାଜକୁ ଏକତ୍ରିତ କରି ଯେଉଁ ବିପ୍ଳବର ବର୍ତ୍ତି ଜାଳିଥିଲେ ସେହି ମହାନ ବିପ୍ଳବି ଧରଣୀଧର ଭୂୟାଁଙ୍କ ଦେଶ ପ୍ରେମ, ତ୍ୟାଗ, ନିଷ୍ଠା ଏବେବି ମାନବ ସମାଜର ପ୍ରେରଣାର ଉତ୍ସ ହୋଇପାରିଛି ବୋଲି ଉପସ୍ଥିତ ଅତିଥି ଅଧିକାରୀ ମାନେ ମତ ପକ୍ଷଣ କରିଥିଲେ । ଯାହାକି ଆଜି ତାଙ୍କୁ ଇତିହାର ସ୍ୱର୍ଣ୍ଣ ଅକ୍ଷରରେ ବିମଣ୍ଡିତ କରିପାରିଛି । ଏହି କାର୍ଯ୍ୟକ୍ରମକୁ ଅବସର ପ୍ରାପ୍ତ ଶିକ୍ଷକ କଳାକାର ମହାନ୍ତ ପରିଚାଳନା କରିଥିବା ବେଳେ ସୁକଦେବ ନାଏକ, ଅଶୋକ ନାଏକ, ଘାସିରାମ ନାଏକ ସମେତ ବହୁ କାର୍ଯ୍ୟ କର୍ତ୍ତା ଏଥିରେ ସହଯୋଗ କରିଥିଲେ ।

### ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ରାଜ୍ୟସ୍ତରୀୟ ରଘୁନାଥ ମୁର୍ମୁ ଜୟନ୍ତୀ

## ପଣ୍ଡିତ ରଘୁନାଥ ମୁର୍ମୁ ଥିଲେ ସାନ୍ତାଳ ଜାତିର ତ୍ରାଣକର୍ତ୍ତା



ଭୁବନେଶ୍ୱର,(ପି.ଏନ): ପଣ୍ଡିତ ରଘୁନାଥ ମୁର୍ମୁ ଥିଲେ ସାନ୍ତାଳ ଜାତିର ତ୍ରାଣକର୍ତ୍ତା। ସେ କେବଳ ସାନ୍ତାଳୀ ଭାଷାର ଲିପି 'ଓଲଚିକି'ର ଉଦ୍ଭାବନ କରିନଥିଲେ ସାମାଜିକ, ସାଂସ୍କୃତିକ ଓ ଧାର୍ମିକ ଦୃଷ୍ଟିକୋଣରୁ ସାନ୍ତାଳ ଜାତିର ଏକ ଅନ୍ତର୍ଜାତୀୟ ପରିଚୟ ସୃଷ୍ଟି କରିଥିଲେ ବୋଲି ରଘୁନାଥ ମୁର୍ମୁଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଅବକାଶରେ ଆଜି ବିଶିଷ୍ଟ ଅତିଥିମାନେ ମତବ୍ୟକ୍ତ କରିଥିଲେ।

ଆଜି ସନ୍ଧ୍ୟା ୬.୩୦ ଘଟିକାରେ ଓଡ଼ିଶା ସାହିତ୍ୟ ଏକାଡେମୀ ଓ 'ଆଦିମ୍ ଅଓ୍ୱାର ଜାର୍ପା'ଙ୍କ ମିଳିତ ସହଯୋଗରେ ଗୁରୁ ଗମକେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସ୍ଥାନୀୟ ରବୀନ୍ଦ୍ର ମଣ୍ଡପ ପ୍ରେକ୍ଷାଳୟରେ ସମାରୋହରେ ଆୟୋଜିତ ହୋଇଥିଲା। ଏକାଡେମୀର ସଭାପତି ଡକ୍ଟର ହୃଷୀକେଶ ମଲ୍ଲିକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଭବ୍ୟ ସାରସ୍ୱତ ସମାବେଶରେ ବରେଣ୍ୟ ଅତିଥି ଭାବେ ଯୋଗଦେଇ ସମ୍ମାନନୀୟ ରାଜ୍ୟ ଅନୁସୂଚୀତ ଜାତି ଓ ଜନଜାତି ବିକାଶ, ସଂଖ୍ୟାଲଘୁ ଓ ପଛୁଆବର୍ଗ ଏବଂ ଆଇନ ବିଭାଗ ମନ୍ତ୍ରୀ ଶ୍ରୀ ଜଗନ୍ନାଥ ସାରକା ମଞ୍ଚାସୀନ ଅତିଥିଙ୍କ ଗହଣରେ ପଣ୍ଡିତ ମୁର୍ମୁଙ୍କ ପ୍ରତିକୃତି ନିକଟରେ ପ୍ରଦୀପ ପ୍ରଜ୍ଜ୍ୱଳନ ଓ ପୁଷ୍ପାର୍ଘ୍ୟ ଅର୍ପଣ କରି ଉତ୍ସବ ଉଦ୍‌ଘାଟନ କରିଥିଲେ। ଉତ୍ସବରେ ସମ୍ମାନନୀୟ ଅତିଥି ଭାବେ 'ଆଦିମ ଅଓ୍ୱାର ଜାର୍ପା'ର ସଭାପତି ଶ୍ରୀ କାରୁ ମୁର୍ମୁ ଓ ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସମାଜସେବୀ ଓ ସୁଲେଖକ ଶ୍ରୀ ଉଦୟନାଥ ମାଝୀ ଯୋଗ ଦେଇଥିଲେ। ମନ୍ତ୍ରୀ ଶ୍ରୀ ସାରକା ତାଙ୍କ ବକ୍ତବ୍ୟରେ କହିଲେ ଯେ ରଘୁନାଥ ମୁର୍ମୁ ଯଥାର୍ଥରେ ଥିଲେ ସାନ୍ତାଳୀ ଭାଷା ଓ ସଂସ୍କୃତିର ତ୍ରାଣକର୍ତ୍ତା। ଏହି ଭାଷାର ଲିପି ଉଦ୍ଭାବନ କରି ସମଗ୍ର ସାନ୍ତାଳ ଜାତିକୁ ସେ ଯେଉଁ ପରିଚୟ ଦେଇ ଯାଇଛନ୍ତି, ତାହା ଏହି ଜାତି କେବେ ବି ବିସ୍ମୃତ ହେବ ନାହିଁ। ସମ୍ମାନନୀୟ ବକ୍ତା ଶ୍ରୀ ମୁର୍ମୁ ତାଙ୍କ ବକ୍ତବ୍ୟରେ କହିଲେ ଯେ 'ଲିପି' ନଥିଲେ କୌଣସି ଭାଷା ବିକଶିତ ହୋଇ ପାରିବ ନାହିଁ। ପଣ୍ଡିତ ମୁର୍ମୁ ଏହି କାର୍ଯ୍ୟଟି କରି ଭାଷାଗତ ଏକତା ସୂତ୍ରରେ ଦେଶର ସାନ୍ତାଳମାନଙ୍କୁ ବାନ୍ଧି ଦେଇଛନ୍ତି। ମୁଖ୍ୟବକ୍ତା ଶ୍ରୀ ମାଝୀ ତାଙ୍କ ବକ୍ତବ୍ୟରେ ରଘୁନାଥ ମୁର୍ମୁଙ୍କ ସାହିତ୍ୟିକ ଓ ଧାର୍ମିକ ଅବଦାନ ସମ୍ପର୍କରେ ବିଶଦ ବ୍ୟାଖ୍ୟା କରିଥିଲେ। ସଭାପତି ଡକ୍ଟର ମଲ୍ଲିକ ତାଙ୍କ ସଭାପତି ଅଭିଭାଷଣରେ କହିଲେ ଯେ ପଣ୍ଡିତ ମୁର୍ମୁ ଭାଷା, ସାହିତ୍ୟ ଓ ଧର୍ମ ଦୃଷ୍ଟିରୁ ଥିଲେ ଜଣେ ପୁରୋଦ୍ରଷ୍ଟା। ସେ ସାନ୍ତାଳ ଜାତିର ଯେଉଁ ଉପକାର କରି ଯାଇଛନ୍ତି ତା'ର ବିକଳ୍ପ ନାହିଁ। ସାନ୍ତାଳୀ ଭାଷାର ସେ ଆଦିକବି ଓ ସାନ୍ତାଳୀ ଏକତାର ମନ୍ତ୍ରଦାତା । ପ୍ରାରମ୍ଭରେ ଏକାଡେମୀ ସଚିବ ଶ୍ରୀ ପ୍ରବୋଧ କୁମାର ରାଉତ ସ୍ୱାଗତ ଭାଷଣ ଦେଇଥିଲେ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏକାଡେମୀର ଉପବିଭାଗ ଅଧିକାରୀ ଶ୍ରୀ ସଞ୍ଜୟ କୁମାର ଛୁଆଲସିଂହ ସମାପନୀ ବକ୍ତବ୍ୟ ପ୍ରଦାନ କରିଥିଲେ। ସଭା ଆରମ୍ଭରେ ଓ ଶେଷରେ ପରିବେଷିତ ସାନ୍ତାଳୀ ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଉତ୍ସବର ପରିବେଶକୁ ଗୁରୁ ଗମ୍ଭୀର କରିଥିଲା। ଏହି ଅବକାଶରେ ଏକାଡେମୀ ପ୍ରକାଶିତ ଶ୍ରୀ ଗଣେଶ ରାମ ନାହାକଙ୍କ ରଚିତ ଜୀବନୀ ଓ କୃତି ଗ୍ରନ୍ଥ 'ଶ୍ରଦ୍ଧାକର ସୂପକାର' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା।







Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray